## ବନ୍ଦ ଘରୁ ସୁପରଭାଇଜରଙ୍କ ମୃତଦେହ ଜବତ

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ସଦର ବ୍ଲକ୍ ଅଞ୍ଚଳରେ ଏକ ବନ୍ଦ ଘରୁ ଜଣେ ଠିକା ସଂସ୍ଥାର ସୁପରଭାଇଜରଙ୍କ ମୃତଦେହ ସଦର ପୋଲିସ ଜବତ କରିଛି। ତାଙ୍କର ପରିଚୟ ଜଣାପଡ଼ି ନ ଥିଲେ ହେଁ ଘର ହରିୟାଣା ରାଜ୍ୟରେ ବୋଲି ଜଣାପଡ଼ିଛି। ସେ ଠିକା କମ୍ପାନୀର ପାଣି ପାଇପ ବିଛା କାମରେ ସାମିଲ ଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତଦେହ ନିକଟରୁ ଏକ ମୋବାଇଲ ଜବତ ହୋଇଛି। ପରିବାର ଲୋକଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯିବା ସହ ତଦନ୍ତ ଚାଲିଥିବା ଥାନାଧିକାରୀ ସୁନୀଲ କର କହିଛନ୍ତି।

## ସଂକ୍ଷେପରେ

### କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ସେବା ଶିବିର

ବାରିପଦା ଅଫିସ,୨୫।୧୨- ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୀତକାଳିନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟନ ହୋଇଯାଇଛି। ୭ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଶିବିରକୁ କଲେଜର ଅଧ୍ୟକ୍ଷ ପ୍ରଦୀପ ନାୟକ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ପ୍ରଥମ ଦିନରେ ମହାବିଦ୍ୟାଳୟର ଅଧକ୍ଷଙ୍କ ଦ୍ୱାରା ଜାତୀୟ ସେବା ଯୋଜନାର ପତାକା ଉତ୍ତୋଳନ ହୋଇଥିଲା। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ନିଜର ସେବା ମନୋବୃତ୍ତିକୁ ନେଇ କିଭଳି ଏକ ଦୃଢ଼ ଏବଂ ସଶକ୍ତ ରାଷ୍ଟ୍ର ଗଠନରେ ନିଜକୁ ସାମିଲ କରିବେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପିକା ଓ ଅଧାପକ ଦେବାଶ୍ରିତା ବିଶ୍ୱାଳ, ରୂପମଞ୍ଜରୀ ବେହେରା, ଜ୍ୟୋର୍ତିମୟୀ ଗିରି, ସସ୍ମିତା ସିଂ ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

### ହୋ ସମାଜର ମାଗେ ପରବ ପାଳିତ

କପ୍ତିପଦା,୨୫।୧୨(ଡି.ଏନ.ଏ)- ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ନୋଟ୍ ପଞ୍ଚାୟତ ମାତକାମ ସାହିରେ ମାଗେ ପରବ ପାଳିତ ହୋଇଯାଇଛି। ଆଦିବାସୀ ହୋ ସମାଜମାନଙ୍କର ପଞ୍ଜିକା 'ଲିଟା ଗର୍ଗଣିଡ଼' ଅନୁସାରେ ମାଗେ ଚାଣ୍ଡୁଃ ମାଗେ ପରବ ଆନନ୍ଦ ଉଲ୍ଲାସରେ ମାଦଳ ନାଗରା କେନ୍ଦରା ବାଇଁଶିର ସୁର ତାଳରେ ଲୋକେ ନାଚି ପାଳନ କରିଛନ୍ତି। ମାଗେ ପର୍ବର ସାମଗ୍ରୀ ଓ ଫଳ ନେଇ ଗ୍ରାମର ପୁରୋହିତ ପୂଜା କରିଥିଲେ। ପୂଜାସ୍ଥାନରେ ମାଗେ ପର୍ବକୁ ଦର୍ଶନ କରିବା ନିମନ୍ତେ ଠାକୁରମୁଣ୍ଡା, ଯାଜପୁର, ଚାଇବାସା, ଶରତ, ସରଡ଼ିହା, ରାନିପୋଖରି, ଦୋନବାହାଲି, ଗାଇପାଣି, କୁମୁଡ଼ାବାହାଲି, ବାଗ ଦଫା, ପିଶିପୁର୍, ନୋଟ, କାଦବାହାଲି, ଭଣ୍ଡାର ଗାଆଁମାନଙ୍କରୁ ଶତାଧିକ ଲୋକ ଆସିଥିଲେ। ଗାଁର ମୁଖିଆ ଗମା ବୁଲିଉଲି, ଆକାଳାର ସମ୍ପାଦକ ବିର୍ସା ବୁଲିଉଲି, ଗୌରାଙ୍ଗ ବୁଲିଉଲି, ଚରଣ ବୁଲିଉଲି, ତପନ ହେମ୍ବ୍ରମ, ବିଶୁ ହେମ୍ବ୍ରମ, ମରା ହେମ୍ବ୍ରମ, ରବିନ ହେମ୍ବ୍ରମ, ତଗ ମୁଣ୍ଡି, ରାଜା ମୁଣ୍ଡି, କଲେଜ ଛାତ୍ର ସୁରେନ୍ଦ୍ର ବୁଲିଉଲି, ସର୍ମି ବୁଲିଉଲି, ଜସେଫ ବୁଲିଉଲି, ମଧୁ କୁଲଡି, ଗୀତା ବୁଲିଉଲି, ଜଙ୍ଗା ମୁଣ୍ଡି, ମାନୀ ବୁଲିଉଲି ଇତ୍ୟାଦି ସୁସୁନ ଦୁରାଂ କରାଂ ଆକାଳାର ବହୁ ସଦସ୍ୟଗଣ ଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ପାଟଣା,୨୫।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଦୁର୍ଗାଦେଇପୁର ଶାସନର ଧର୍ମ ପରାୟଣ ମହିଳା ରଜନୀ ଦାଶ (୮୮)ଙ୍କ ଦୁର୍ଗାଆଦେଇପୁର ବାସଭବନରେ ପରଲୋକ ହୋଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପାର୍ଥିବ ଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଶେଷ ଦର୍ଶନ କରିଥିଲେ। ତାଙ୍କର ଅନ୍ତେଷ୍ଟି କ୍ରିୟା ଶନିବାର ବୈତରଣୀ ନଦୀ କୁଳଦୁର୍ଗାଦେଇପୁର ଶ୍ମଶାନରେ ସମ୍ପନ୍ନ ହୋଇଛି। ଏକ ମାତ୍ର ପୁତ୍ର ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ରଜନୀଙ୍କ ପୁଅ କୃଷ୍ଣ ବୋହୂ ନଳିନୀ, ପୁତୁରା ରାମ, ବାବୁଲା, ପୁତୁରା ବୋହୂ, ନାତି ବାପୁନି, ରାଜା, ନାତୁଣୀ ଗୁଲି, ଝିଅ ଜ୍ୱାଇଁ, ନାତୁଣୀ ଜ୍ୱାଇଁ ଉପସ୍ଥିତ ଥିଲେ।

### ବୃଦ୍ଧାଶ୍ରମର ବାର୍ଷିକ ଉତ୍ସବ

ଯୋଡ଼ା,୨୫।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ପୌର ପାଳିକାର ୱାର୍ଡ ନଂ. ୬ରେ ଅବସ୍ଥିତ ବୃଦ୍ଧାଶ୍ରମରେ ଶନିବାର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସମସ୍ତେ ଏକତ୍ରିତ ହୋଇ ନୃତ୍ୟ, ସଙ୍ଗୀତ, ହାସ୍ୟ, ବ୍ୟଙ୍ଗ, ଗ୍ରୁପ ଡ୍ୟାନ୍ସ, ଅଭିନୟ ସହିତ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ଏଭିଏ ପକ୍ଷରୁ ସନ୍ତୋଷ ରଣା, ସତ୍ୟଜିତ ମହାନ୍ତି, ଯୋଡ଼ା ଉପନଗରପାଳ ସନ୍ଧ୍ୟା ପାତ୍ର, କାଉନ୍‌ସିଲର ପ୍ରଜନ ଶ୍ରୀ ଦାସ, ମନୋଜ ଝା, ଯୋଡ଼ା ମାରୱାଡ଼ି ସମାଜ ପକ୍ଷରୁ ଓମ ପ୍ରକାଶ ତିୱାରୀ, ଗୌରୀ ଶଙ୍କର ସିଂଘାନିଆ, ଅଶୋକ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ। ଡିଏମଏଫ ପକ୍ଷରୁ ନିର୍ମିତ ତଥା ଆସୋସିଏନ ଫର୍ ଭଲୁଣ୍ଟାରୀ ଏକସନ (ଏଭିଏ) ଦ୍ୱାରା ସଞ୍ଚାଳିତ ବୃଦ୍ଧାଶ୍ରମରେ ୨୫ ମହିଳା, ୨୫ ପୁରୁଷ ରହୁଛନ୍ତି। ପରିଚାଳନା ନିମନ୍ତେ ୩୯ କର୍ମଚାରୀ ନିୟୋଜିତ ଅଛନ୍ତି। ଆଶ୍ରମର ସୁପରିଣ୍ଟେଣ୍ଡେଣ୍ଟ୍ ବିଜୟଲକ୍ଷ୍ମୀ ରାଉତ, କୋ ଓର୍ଡିନେଟର ଆଲୋକ ରାୟ ପ୍ରମୁଖ ପରିଚାଳନା କରିଥିଲେ।

# ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ କେନ୍ଦ୍ରୀୟ ଟିମ୍

ଖଇରା, ୨୫।୧୨(ଡି.ଏନ.ଏ.)

କେନ୍ଦ୍ର ସଚିବାଳୟ ବରିଷ୍ଠ ଅଧିକାରୀମାନଙ୍କର ଏକ ଟିମ୍ ରବିବାର ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ଫେରିଛନ୍ତି। ସଡକ ପରିବହନ ବିଭାଗ ଅଧିକାରୀ ଗୋପାଳ ମେହେର, ଘରୋଇ ମନ୍ତ୍ରଣାଳୟରୁ ରୂପେନ୍ଦ୍ର କୌର ଓ ବାଣିଜ୍ୟ ବିଭାଗର ପିଙ୍କି ଗୁପ୍ତାଙ୍କ ନେତୃତ୍ୱରେ ଏହି ଟିମ୍ କୁପାରୀ ୫-ଟି ବିଦ୍ୟାଳୟ, ମହାନଗ ପୋଖରୀ ସୌନ୍ଦର୍ଯ୍ୟକରଣ, କଲ୍ୟାଣ ମଣ୍ଡପ କାର୍ଯ୍ୟର ଅଗ୍ରଗତି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ପରେ ବର୍ତ୍ତନାରେ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଛତୁଚାଷ, ଖଇରା



ଅଧିକାରୀମାନେ ବର୍ତ୍ତନା ଛତୁଚାଷ ଦେଖିବା ସହ ମହିଳା ଗ୍ରୁପ ସହ ଆଲୋଚନା କରୁଛନ୍ତି।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୌନ୍ଦର୍ଯ୍ୟକରଣ, ଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ରୀରାମପୁରଠାରେ ଏମ୍‌ଜିଏନଆରଜିଏସ ଯୋଜନାରେ ଚାଲିଥିବା ଖେଳପଡିଆର ଉନ୍ନତିକରଣ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମେତ ପଳସାରେ ମହିଳା ଗୋଷ୍ଠୀଙ୍କ ଦ୍ୱାରା କରାଯାଇଥିବା ଗେଣ୍ଡୁଫୁଲ ଚାଷକୁ ବୁଲି ଦେଖିଥିଲେ। ବିଡିଓ ପ ଅଧିକାରୀମାନେ ବର୍ତ୍ତନା ଛତୁଚାଷ ବୁଲିବା ସହ ମହିଳା ଗ୍ରୁପ ସହ ଆଲୋଚନା କରୁଛନ୍ତି। ଶ୍ରୀରାମ ପଣ୍ଡା, ସହକାରୀ ଯନ୍ତ୍ରୀ ସୌମ୍ୟମୁକୁଲ ବାରିକ, ଓଡିଶା ଜୀବିକା ମିଶନର ବ୍ଲକ ସଂଯୋଜକ ନିହାର ଜେନା, ବିପିସି ଅନନ୍ତ ପ୍ରସାଦ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ସମ୍ମିଳନୀ

ବାଲେଶ୍ୱର ଅଫିସ, ୨୫।୧୨

ବାଲେଶ୍ୱର ସହର ଏଡ଼ିଏମ୍ ଛକସ୍ଥିତ ବ୍ରିଟ୍ କଲ୍ୟାଣ ମଣ୍ଡପ ପରିସରରେ ସରକାରୀ ମେଡିକାଲ୍ କଲେଜ ଓ ହସପିଟାଲ କ୍ରିୟାନୁଷ୍ଠାନ କମିଟିର ଜିଲା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଛି। ଫକୀରମୋହନ ମେଡିକାଲ୍ କଲେଜ ଓ ହସ୍‌ପିଟାଲ ଅଧ୍ୟକ୍ଷ ଡା. ରାମଚନ୍ଦ୍ର ଗିରି ସମ୍ମିଳନୀକୁ ଉଦ୍‌ଘାଟନ କରି ଏଫ୍‌ଏମ୍ ମେଡିକାଲ୍ କଲେଜ ଓ ହସପିଟାଲ୍ ପ୍ରତିଷ୍ଠା ପରେ ବି ରୋଗୀମାନଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ସରକାରଙ୍କ ଉଦ୍ୟମ ଏବଂ କ୍ରିୟାନୁଷ୍ଠାନ କମିଟିର ସହଯୋଗକୁ ପ୍ରଶଂସନୀୟ ବୋଲି ବକ୍ତବ୍ୟ ରଖିଥିଲେ।

କ୍ରିୟାନୁଷ୍ଠାନ କମିଟି ସଭାପତି ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦୀପ ଦାସ ସମ୍ପାଦକୀୟ ବିବରଣୀ, ଉପସଭାପତି ପ୍ରଭାକର ସାହୁ ଅତିଥି ପରିଚୟ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ୨୦୨୩ ପାଇଁ ଗୃହୀତ କାର୍ଯ୍ୟସୂଚୀ ଓ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟର ବିବରଣୀ ପାଠ କରିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲା ପରିଷଦ ଅଧ୍ୟକ୍ଷ ତଥା ଅଭ୍ୟର୍ଥନା କମିଟି ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପୌରାଧକ୍ଷା ସବିତା ସାହୁ ଅତିଥି ଭାବେ ଯୋଗଦେଇ କମିଟିର ୨୦୨୨ ମୁଖପତ୍ରକୁ ଉନ୍ମୋଚନ କରିଥିଲେ। କ୍ରିୟାନୁଷ୍ଠାନ କମିଟି ପୃଷ୍ଠପୋଷକ ସଦସ୍ୟମାନଙ୍କୁ ପ୍ରମାଣପତ୍ର ଦେଇ ମଞ୍ଚରେ ସମ୍ମାନିତ କରାଯାଇଥିଲା। ନିଃସ୍ୱାର୍ଥପର ସେବା ପ୍ରଦାନ କରିଥିବା ଡା. ମୀରା ପତି, ଡା. ସୁକାନ୍ତ କୁମାର ସାହୁ, ସ୍ୱାସ୍ଥ୍ୟକର୍ମୀ ରମାକାନ୍ତ କର ଓ ନର୍ସ ପୁଷ୍ପିତା ମହାନ୍ତିଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ଅତିଥିମାନେ ଓ ଚୟନ କମିଟିର ସଭାପତି ପ୍ରଫେସର ଅନନ୍ତ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ। ଗତ ନଭେମ୍ବର ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ସଚେତନତା ଯାତ୍ରାରେ ଜିଲା ପରିକ୍ରମା କରିଥିବା ୧୦ଜଣ ସଦସ୍ୟଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।




ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ।

### ଇରମ ମହିଳା ମହାସଂଘର ହାତଜମା ପାଣ୍ଠି ବିବାଦ ତୁଟିଲା

## ସିଆଇଏଫ୍ ଆକାଉଣ୍ଟରେ ଜମା ହେଲା ୧୨.୯୪ ଲକ୍ଷ

ବାସୁଦେବପୁର, ୨୫।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଇରମ ପଞ୍ଚାୟତ ମହିଳା ମହାସଂଘର ହାତଜମା ପାଣ୍ଠି ପ୍ରାୟ ୧୨ ଲକ୍ଷ ୯୪ ହଜାର ୯୭୨ଟଙ୍କା ନେଇ ଗତ କିଛିମାସ ଧରି ବିବାଦ ଲାଗି ରହିଥିଲା। ପ୍ରଶାସନ ଏବଂ ଓଡ଼ିଶା ଜୀବିକା ମିଶନ ହସ୍ତକ୍ଷେପ ପରେ ବିବାଦର ସମାଧାନ ହୋଇଛି। ଏହି ହାତଜମା ପାଣ୍ଠି ସିଆଇଏଫ୍ (ଗୋଷ୍ଠୀ ବିନିଯୋଗ ପାଣ୍ଠି) ଆକାଉଣ୍ଟରେ ଜମା କରାଯାଇଛି। ମହିଳା ମହାସଂଘର ସଭାନେତ୍ରୀ, ସମ୍ପାଦିକା, ଏମ୍‌ବିକେ, ସିଆର୍‌ପି ପ୍ରମୁଖ ବିଭିନ୍ନ ଗୋଷ୍ଠୀଙ୍କଠାରୁ ଏହି ଅର୍ଥରାଶି ଆଣି ଉକ୍ତ ଆକାଉଣ୍ଟରେ ଜମା କରିଥିବା ଜଣାଯାଇଛି।

ପ୍ରକାଶ ଯେ, ଏହି ଅର୍ଥରାଶି ଆକାଉଣ୍ଟରେ ଜମା ହେଉ ନ ଥିବାରୁ ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ହାତଜମା ପାଣ୍ଠି ତୁରନ୍ତ ଆକାଉଣ୍ଟରେ ଜମା କରିବା ପାଇଁ ଓଏଲ୍‌ଏମ୍ ବିଭାଗର ଚିଠି (ନଂ ୩୨୫୫/ ୩୭୫୭ ତା ୨୧।୧୧।୨୨ ରିଖ)କୁ ସଭାନେତ୍ରୀ ଓ ସମ୍ପାଦିକା ଗ୍ରହଣ କରି ଏହି ଅର୍ଥରାଶି କିପରି ଡିପୋଜିଟ୍ ହେବ ସେନେଇ ବିପିଏମ୍ ବୀଣାପାଣି ପଣ୍ଡାଙ୍କ ସହ ଆଲୋଚନା କରିବା ପରେ ସମାଧାନ ହୋଇଥିଲା। ଏ ସମ୍ପର୍କରେ ମହାସଂଘର ସଭାନେତ୍ରୀ ରମଣୀ ବିଶ୍ୱାଳ ଓ ସମ୍ପାଦିକା ରମାମଣି ମାଝି କହିଛନ୍ତି, ଏହି ଅର୍ଥରାଶି ସିଆଇଏଫ୍ ଆକାଉଣ୍ଟରେ ଜମା କରାଯାଇ ସମସ୍ୟାର ସମାଧାନ କରାଯାଇଛି। ଯେଉଁ ଗୋଷ୍ଠୀ ଋଣ ନେଇ ପରିଶୋଧ କରିନାହାନ୍ତି ତୁରନ୍ତ ଅର୍ଥ ପୈଠ ପାଇଁ ପରାମର୍ଶ ଦିଆଯାଇଛି। ଏହି ମହାସଂଘର ଅର୍ଥ ଡିପୋଜିଟ୍‌କୁ ନେଇ ଉଠିଥିବା ବିବାଦ ସମାଧାନ ହୋଇଛି। ବିଭାଗର ନିର୍ଦ୍ଦେଶ ଓ ପରାମର୍ଶ ମୁତାବକ ମହାସଂଘ କାର୍ଯ୍ୟ କରୁଛି ବୋଲି ବିପିଏମ୍ ପଣ୍ଡା କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ସାଜିଦ୍



@ବିକାଶ



@ସୋନି

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

## ଧର୍ମ ପରିବର୍ତ୍ତନ ନେଇ ଖନ୍ତାପଡ଼ାରେ ଉତ୍ତେଜନା

■୬ଜଣଙ୍କୁ ପୋଲିସ ଜିମା
■ପିଆର୍ ବଣ୍ଡରେ ଥାନାରୁ ଛାଡ଼ ପାଇଲେ

ବାହାନଗା,୨୫।୧୨(ଡି.ଏନ.ଏ.)

ଖ୍ରୀଷ୍ଟ ମାସ ପୂର୍ବଦିନ ଅର୍ଥାତ୍ ଶନିବାର ରାତିରେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ପଞ୍ଚାୟତର କୁଆଁତାରା ଆଦିବାସୀ ସାହିରେ ଧର୍ମ ପରିବର୍ତ୍ତନକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଖନ୍ତାପଡା ଗ୍ରାମର ଯୁବକମାନେ ପହଞ୍ଚି ଧର୍ମ ପରିବର୍ତ୍ତନ କରାଉଥିବା ୬ଜଣ ବ୍ୟକ୍ତିଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ବିଳମ୍ବିତ ରାତିରେ ପୋଲିସ ସେମାନଙ୍କୁ ପିଆର୍ ବଣ୍ଡରେ ଛାଡ଼ି ଦେଇଛି।

ଖନ୍ତାପଡା ଗ୍ରାମର କୁଆଁତାରା ଆଦିବାସୀ ସାହିରେ କିଛିମାସ ପୂର୍ବରୁ ୩ଟି ପରିବାର ନିଜର ହିନ୍ଦୁ ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟିୟାନ ଧର୍ମଗ୍ରହଣ କରିସାରିଥିଲେ। ରବିବାର ଖ୍ରୀଷ୍ଟମାସର ବଡ଼ଦିନ ପାଳନ ଅବସରରେ ଆଉ କିଛି ଆଦିବାସୀଙ୍କୁ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ କରିବା ଲକ୍ଷ୍ୟରେ ଶନିବାର ଅପରାହ୍ନରେ ମୟୂରଭଞ୍ଜ ଜିଲା ଉଦଳାରୁ ଆସିଥିବା ୬ଜଣ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀ ଗୁରୁ ଓ ବ୍ୟକ୍ତି ସେହି ସାହିର ଧର୍ମ ପରିବର୍ତ୍ତନର ମୁଖ୍ୟ ନେତୃତ୍ୱ ନେଇଥିଲେ। ଏକ ପରିବାର ଲୋକଙ୍କୁ ହିନ୍ଦୁ ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରାଯାଉଥିଲା। ସାହିର ଥିବା ଆଦିବାସୀମାନଙ୍କୁ ନିକଟସ୍ଥ ଏକ ପୋଖରୀ ଭିତରକୁ ନେଇ ଯୀଶୁଙ୍କ ନାମରେ ଶପଥ କରାଇବା ସହ ପାଣିରେ ବୁଡ଼ ମାରି ଯୀଶୁଙ୍କୁ ଦେଖାଇବା ଭଳି କାର୍ଯ୍ୟ କରୁଥିବା ବେଳେ ପୋଖରୀ ମାଲିକଙ୍କ ପୁଅ ତାହା ଦେଖି ଫଟୋ ଉଠାଇଥିଲେ। ଧର୍ମ ପରିବର୍ତ୍ତନ କରୁଥିବା ଆଦିବାସୀମାନେ ଏହାକୁ ବିରୋଧ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଫଟୋ ଉଠାଉଥିବା ଯୁବକ ଯାଇ ନିଜର ସାଙ୍ଗମାନଙ୍କୁ କହିବା ପରେ ଯୁବକମାନେ ସେଠାରେ ପହଞ୍ଚି ଧର୍ମ ପରିବର୍ତ୍ତନକୁ ବିରୋଧ କରିଥିଲେ। ଏହାସହ ବାହାରୁ ଆସିଥିବା ୬ଜଣଙ୍କୁ କାବୁ କରିବା ବେଳେ ସେଠାରୁ ଜଣେ ଖସିପଳାଇଯାଇଥିବା ଯୁବକମାନେ ପ୍ରକାଶ କରିଥିଲେ। ପୋଲିସ ପହଞ୍ଚି ୫ଜଣଙ୍କୁ ଖନ୍ତାପଡ଼ା ଥାନାକୁ ନେଇ ଅଟକ ରଖିଥିଲା। ଅନ୍ୟ ଜଣେ ପଛରେ ଯାଇ ଥାନାରେ ପହଞ୍ଚିଥିଲେ।

## ତୁଳସୀ ପୂଜନ ଦିବସ

ବାରିପଦା ଅଫିସ/ଧାମନଗର (ଡି.ଏନ.ଏ.), ୨୫।୧୨

ମୟୂରଭଞ୍ଜ ଜିଲା ବାରିପଦା ଓ ଭଦ୍ରକ ଜିଲା ଧାମନଗରରେ ରବିବାର ତୁଳସୀ ପୂଜନ ଦିବସ ପାଳନ କରାଯାଇଛି। ବାରିପଦାରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ବଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରେ କବିବିଷ୍ଣୁ ଶତପଥୀଙ୍କ ଆବାହକତ୍ୱ ଓ ବର୍ଷିୟାନ ନେତା ଦିବାକର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଦିବସର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ କୁହାଯାଇଥିଲା। ବହୁସଂଖ୍ୟକ ମହିଳା ଏଥିରେ ସାମିଲ ହୋଇଥିଲେ। ଯୋଗେଶ ଦଣ୍ଡପାଟ, ହରିପଦ କଲିଆ, ଗୌରହରି ପାତ୍ର, ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। ବିଶ୍ୱଜିତ ରଣା, ବାଘା ସିଂ, ହେମଲତା ଦାସ, ଦିବ୍ୟରଞ୍ଜନ ବିଶ୍ୱାଳ, ଦୀପକ ମଲ୍ଲିକ, ମହାବିଦ୍ୟାନନ୍ଦନ ଦାସ, ଦେବାଶିଷ ପାଇକରାୟ, ଦୀପାଳି ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେହିପରି ଧାମନଗର ବ୍ଲକ ଷେଣ୍ଡପୁର ହାଇସ୍କୁଲ ପ୍ରାଙ୍ଗଣରେ ତୁଳସୀ ପୂଜନ ଉତ୍ସବରେ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ସଦସ୍ୟ ଅମିରିଶ ମହାନ୍ତି ଓ ରାମଚନ୍ଦ୍ର ବାରିକ ଯୋଗଦେଇ ବୃନ୍ଦାବତୀ, ତୁଳସୀ ମହିମା ସମ୍ପର୍କରେ କହିଥିଲେ। ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ।

## ଦୋବଲ ଗ୍ରୀନ୍‌ଷ୍ଟାର ଚାମ୍ପିୟନ

### ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଧାମନଗର,୨୫।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଧରମ ପଡ଼ିଆରେ ଚାଲିଥିବା ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ମିଶ୍ରପୁର ସାଇ ମେମୋରିଆଲକୁ ହରାଇ ଦୋବଲ ଗ୍ରୀନଷ୍ଟାର କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ବିରାଟ ମ୍ୟାନ ଅଫ୍ ଦି ମ୍ୟାଚ୍, ଦେବେନ୍ଦ୍ର ମହାନ୍ତି ଶ୍ରେଷ୍ଠ ବୋଲର, ଚିକନ ପଣ୍ଡା ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ ଓ ଚନ୍ଦନ ଶ୍ରେଷ୍ଠ ଫିଲ୍‌ଡର ବିବେଚିତ ହୋଇଥିଲେ। ବିକାଶ ସାହୁ ଓ ଦେବଦତ୍ତ ସାହୁ ଅମ୍ପାୟାର ରହିଥିବା ବେଳେ ଲିପୁନ ପଣ୍ଡା, ଟିକୁନ ସାହୁ, ବାବନ ଦାସ ସ୍କୋରର, ଅଜୟ ସାହୁ, ରାଜନ ମହାରଣା ଓ ସୋନୁ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଭୋଳାନାଥ ସାହୁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସରପଞ୍ଚ ଅଶୋକ ପଣ୍ଡା, ସମିତିସଭ୍ୟା ରୁନିଲତା ସାହୁ, ଧାମନଗର ପ୍ରେସ୍ କ୍ଲବ ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ପତି ଓ ଖବରଦାତା ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ।



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

## ପାଇପ୍ ବିଛାଇ ମରାମତି କରୁନି ଠିକାସଂସ୍ଥା

### ଶୋଚନୀୟ ହୋଇପଡ଼ିଛି ସାହି ରାସ୍ତା

■ପୌରାଧକ୍ଷାଙ୍କ ଚିଠିକୁ ଅବଜ୍ଞା
■ବୃଦ୍ଧି ପାଉଛି ଜନ ଅସନ୍ତୋଷ

କେନ୍ଦୁଝର,୨୫।୧୨(ସ୍ୱ.ପ୍ର.)

କେନ୍ଦୁଝର ସହରରେ ବିଭିନ୍ନ ସାହି ଓ ୱାର୍ଡରେ ଜଳ ଯୋଗାଣ ନିମନ୍ତେ ପାଇପ ବିଛା କାମ ଚାଲିଛି। ଏଥିପାଇଁ କାମ ନେଇଥିବା ଠିକାସଂସ୍ଥା ରାସ୍ତା ଖୋଳି ପାଇପ୍ ବିଛାଇବା ପରେ ମରାମତି ନ କରି ଛାଡ଼ିଦେଉଛି। ଫଳରେ ବିଭିନ୍ନ ୱାର୍ଡର ରାସ୍ତାଗୁଡ଼ିକ ନଷ୍ଟ ହେବା ସହ କଂକ୍ରିଟ୍ ଖଣ୍ଡ ପଡ଼ି ଶୋଚନୀୟ ହୋଇପଡ଼ିଛି। ଏହା ଦ୍ୱାରା ପୌରପାଳିକାର ବ୍ୟାପକ ଅର୍ଥ କ୍ଷତି ହେବା ସହ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏନେଇ ପୌର ପରିଷଦ ଚିଠି ନଂ. ୮୩୧୬/୧୦ ନଭେମ୍ବର ୨୦୨୨ରେ ଜନସ୍ୱାସ୍ଥ୍ୟ ବିଭାଗକୁ ଚିଠି କରିଥିଲା। ମାତ୍ର ଚିଠିକୁ ଦେଢ଼ ମାସ ପୁରିଥିଲେ ହେଁ ମରାମତି କରିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନାଯୋଗ୍ୟ, ମୋହନଗଡ଼ କନଷ୍ଟ୍ରକସନ ନାମକ ସଂସ୍ଥା ଅନ୍ୟ ୪ ଠିକାଦାରଙ୍କୁ ସବ୍‌ଲେଟ୍ ଦେଇ ସହରରେ ପାଇପ୍ ବିଛା କାମ କରୁଛି। ସଂସ୍ଥା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ସମେତ ଅନେକ ସ୍ଥାନରେ ରାସ୍ତା ମଝିରେ ପାଇପ ବିଛାଇବା ପାଇଁ ଖୋଳାଯାଇଥିଲା। ପାଇପ୍ ବିଛାଇବା ପରେ ରାସ୍ତା ମରାମତି ନ କରି ଛାଡ଼ି ଦେଇଛି। ଅନେକ ସ୍ଥାନରେ ମାଟି ଘୋଡ଼ାଇ ଉଚ୍ଚାନିଚା କରିଦେଉଥିବାରୁ ବିପଦ ସାଜୁଛି। ପୂର୍ବରୁ ମାଧପୁର, ମାଗୁରଗାଡ଼ିଆ, ଜଗନ୍ନାଥପୁର, ବୁଲାଦାରସାହି, କଲେଜରୋଡ, ବଣିଆପାଟ, ପୁରୁଣା ସହର ଆଦି ଅଞ୍ଚଳରେ ରାସ୍ତା ଖୋଳି ଛାଡ଼ି ଦିଆଯାଇଛି। ଟେଣ୍ଡର ନିୟମ ଅନୁଯାୟୀ ରାସ୍ତାର ମରାମତି କାମ ସମ୍ପୃକ୍ତ ଠିକାସଂସ୍ଥା କରିବା କଥା। ଏଥି ପାଇଁ ମଧ ଠିକାଦାରଙ୍କୁ ଅର୍ଥ ବରାଦ ହୋଇଛି। କିନ୍ତୁ ବିଭିନ୍ନ ଆଳ ଦେଖାଇ ଦୀର୍ଘ ମାସ ହେଲା ମରାମତି କରୁ ନ ଥିବାରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ନଷ୍ଟ ହେଉଛି। କାମ ସମୟରେ ଜନସ୍ୱାସ୍ଥ୍ୟ ବିଭାଗ କିମ୍ବା ପୌରପାଳିକାର କୌଣସି ଯନ୍ତ୍ରୀ ଉପସ୍ଥିତ ରହୁନାହାନ୍ତି। ଫଳରେ ଠିକାଦାରଙ୍କ ବେପରୁଆ କାମ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ସହରବାସୀ ପ୍ରଦୀପ ମହାନ୍ତି କହିଛନ୍ତି। ଲୋକଙ୍କ ସମସ୍ୟାକୁ ଉପଲବ୍ଧି କରି ପୌରାଧକ୍ଷା ନିକୁ ସାହୁ କାମର ତଦାରଖ କରୁଥିବା ଜନସ୍ୱାସ୍ଥ୍ୟ ବିଭାଗକୁ ଚିଠି କରିଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଏ ସମ୍ପର୍କରେ ୱାଟ୍‌କୋ ଜେନେରାଲ ମ୍ୟାନେଜର (ଜନସ୍ୱାସ୍ଥ୍ୟ ବିଭାଗ) ଇଂ. ନାରଦଚନ୍ଦ୍ର ରଥ କହିଛନ୍ତି, ପାଇପ ବିଛା କାମ ସରିବା ପରେ ରାସ୍ତା ମରାମତି କରାଯିବ। ଏ ନେଇ ଠିକାଦାରଙ୍କୁ କୁହାଯାଇଛି ବୋଲି ସେ କହିଥିଲେ।



ପାଇପ ବିଛାଇବା ପରେ ଉଚ୍ଚା ହୋଇ ପଡ଼ିଥିବା କଂକ୍ରିଟ୍ ଖଣ୍ଡ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ

ଢେଙ୍କିକୋଟ୍,୨୫।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ୨୦ ନଂ ଚିକିଣିଆ ଗ୍ରାମ ଛକରେ ଶନିବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଚିକିଣିଆ ଗ୍ରାମର ଗୁରୁଚରଣ ନାଏକ (୫୨)। ଗୁରୁଚରଣ ରାସ୍ତା ପାରି ହେଉଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ଗ୍ରାମବାସୀ ଦେଖି ଢେଙ୍କିକୋଟ ପୋଲିସ ବିଟ୍ ହାଉସକୁ ଖବର ଦେଇଥିଲେ। ବିଟ୍‌ହାଉସ ଅଧିକାରୀ ତରଣୀସେନ ବାଗ ଖବର ପାଇ ଏନ୍.ଏଚ୍.ଏ.ଆଇ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସିତ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଘଟଗାଁ ଥାନାରେ ନଂ. -୧୭୨/୨୨ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

### କଠିନ ପରିଶ୍ରମ ଦ୍ୱାରା ସଫଳତା ମିଳିପାରିବ

ଚମ୍ପୁଆ,୨୫।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୮ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା ସଭାପତି ରମାକାନ୍ତ ପ୍ରଧାନ ସଭାପତିତ୍ୱ କରି ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳା ଓ କଠିନ ପରିଶ୍ରମ ଦ୍ୱାରା ସଫଳତା ମିଳିପାରିବ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଚମ୍ପୁଆ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଜୟଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥିଭାବେ ଚମ୍ପୁଆ ଅତିରିକ୍ତ ତହସିଲଦାର ରମେଶଚନ୍ଦ୍ର ନାୟକ, ମୁଖ୍ୟ ବକ୍ତାଭାବେ ପାଲଲହଡ଼ା ମାଲ୍ୟଗିରି ମହାବିଦ୍ୟାଳୟର ଅଧକ୍ଷ ଡ. ଅନୀଲ ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ନିହାରିକା ମହାନ୍ତଙ୍କୁ ବରୁଣ ବିଶ୍ୱଭୂଷଣ ସ୍ମାରକୀ ପୁରସ୍କାର, ଶ୍ରେଷ୍ଠ କ୍ରୀଡ଼ାବିତ୍ ତ୍ରିନାଥ ମହାନ୍ତ ଓ ଚନ୍ଦ୍ରିକା ମହାନ୍ତଙ୍କୁ ଚିନ୍ମୟ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଭୋଳାନାଥ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ଉପସଭାପତି ସଦାନନ୍ଦ ଦେହୁରୀ, ଯୁଗ୍ମସମ୍ପାଦକ ଅଜିତ୍ ରାମ, କୋଷାଧ୍ୟକ୍ଷ ବିଭୁତି ଭୂଷଣ ବଡ଼ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

### 'ହାତରେ ହାତ ଯୋଡ଼' ଯାତ୍ରା ପ୍ରସ୍ତୁତି

ଭଦ୍ରକ ଅଫିସ,୨୫।୧୨-କଂଗ୍ରେସ ପକ୍ଷରୁ 'ହାତରେ ହାତ ଯୋଡ଼' ଯାତ୍ରା ଆସନ୍ତା ଜାନୁୟାରୀ ୨୬ରୁ ଆରମ୍ଭ ହେବ। ୨ ମାସ ଧରି ଚାଲିବାକୁ ଥିବା ଏହି ଅଭିଯାନ ପାଇଁ ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ସୁବ୍ରତ ଦାସଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପିସିସି ପର୍ଯ୍ୟବେକ୍ଷକ ଭାବେ ମନୋରଞ୍ଜନ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ। ଜିଲାର ୫ ବିଧାନସଭା କ୍ଷେତ୍ର ଅଧୀନ ୧୨୫୭ ବୁଥ୍‌ରେ ଦଳୀୟ କାର୍ଯ୍ୟକର୍ତ୍ତା ଉଭୟ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରଙ୍କ ଜନମାରଣ ନୀତି, ଦରଦାମ୍ ବୃଦ୍ଧି, ବେକାରୀ ସମସ୍ୟା, ନିଶା କାରବାର, ଚାଷୀ ସମସ୍ୟା ବିରୋଧରେ ଜନସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଥିଲା। ଭଦ୍ରକ ବିଧାନସଭା କ୍ଷେତ୍ରର ନେତା ନଳିନୀ ମହାନ୍ତି, ଚାନ୍ଦବାଲିର ଦିଗମ୍ବର ଦାସ, ବାବା ହରେକୃଷ୍ଣ ସେଠୀ, ହୃଦାନନ୍ଦ ସେଠୀ, ମହିଳା ସଭାନେତ୍ରୀ ସବିତା ଚାନ୍ଦ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ନଗର କଂଗ୍ରେସ ସଭାପତି ଅବଦୁଲ ମୋକିତ ଖାନ, ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହୁରା, ପୂର୍ବତନ କାଉନସିଲର ଅସରଫ ଅଲ୍ଲୀ ଖାନ, ଅନୁସୂଚିତ ଜାତି ଅଧକ୍ଷ ରଞ୍ଜନ ଜେନାଙ୍କ ସମେତ ବହୁ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବାସୁଦେବପୁର, ୨୫।୧୨(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ସହରସ୍ଥିତ ଇଂଲିଶ ମାଧମ ମିରାକଲ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସୁଙ୍ଗୁଡ଼ାସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଚାଲିଥିବା କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ସବିତା ପଟ୍ଟନାୟକ ଯୋଗ ଦେଇଥିଲେ। ବାସୁଦେବପୁର ଥାନାଧିକାରୀ ସାବିତ୍ରୀ ପଣ୍ଡା ଉଦ୍‌ଘାଟନ କରିଥିଲେ। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଦୁଃଶାସନ ରାଉତ, ସମ୍ପାଦକ ରାହାସ ବିହାରୀ ମହାନ୍ତି, ବିରାଜ ମୋହିନୀ ଟ୍ରଷ୍ଟର ସଦସ୍ୟ ରୁନୁବାଳା ମହାନ୍ତି, ସବିତା ପଟ୍ଟନାୟକ, ଅଧକ୍ଷ ପ୍ରୀତିରଞ୍ଜନ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ବିଦ୍ୟାଳୟ ପକ୍ଷରୁ ମିନିଗୋପାଳ ମାଝୀ, ପ୍ରଭାତ କୁମାର ବାରିକ, ସୁଚିସ୍ମିତା ନନ୍ଦଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ପରିଚାଳନା କରିଥିଲେ।

## ବଡ଼ଦିନ ଉତ୍ସାହ


ଉଦୟପୁର ବେଳାଭୂମି

# ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼

ଭୋଗରାଇ, ୨୫।୧୨(ଡି.ଏନ.ଏ.)

ମହାମାରୀ କରୋନା ଯୋଗୁ ୩ ବର୍ଷ ହେଲା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଫିକା ପଡ଼ିଥିବା ବେଳେ ଚଳିତବର୍ଷ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିଛି। ଆଗକୁ କରୋନା ସଂକ୍ରମଣ ବୃଦ୍ଧି ପାଇବା ନେଇ ଆଶଙ୍କା ଥିବାରୁ ପର୍ଯ୍ୟଟକମାନେ ବଡ ଦିନକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିଛନ୍ତି। ବାଲେଶ୍ୱର ଜିଲା ଉଦୟପୁର, ତାଳସାରୀ, ବିଚିତ୍ରପୁର, କୀର୍ତ୍ତନିଆ, ଚୌମୁଖ, ଡଗରା, ବାହାବଳପୁର, ଚାନ୍ଦିପୁର, ଗୋପାଳପୁର ଆଦି ବେଳାଭୂମି ସହ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର, ପଞ୍ଚୁଲିଙ୍ଗେଶ୍ୱରଠାରେ ପର୍ଯ୍ୟଟକମାନେ ଭିଡ ଜମାଇଛନ୍ତି।

ସମୁଦ୍ରକୂଳରେ ପର୍ଯ୍ୟଟକମାନେ ଦଳ ଦଳ ହୋଇ ଭୋଜିଭାତର ଆସର ଜମାଇଥିବାବେଳେ ସମୁଦ୍ର ଢେଉରେ ଗାଧୋଇବାର ମଜା ନେଇଛନ୍ତି। ବଡଦିନ ଉପଲକ୍ଷେ ଭୋଗରାଇ ସୀମାନ୍ତ ଦୀଘା, ଶଙ୍କରପୁର, ତାଜପୁର, ମନ୍ଦାରମଣିରେ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ହୋଇଥିବାବେଳେ ଦୀଘା ବିଜ୍ଞାନକେନ୍ଦ୍ର, ଅମରାବତୀ ପାର୍କ, ଟୟ ଟ୍ରେନ ଆଦି ଦର୍ଶନୀୟ ସ୍ଥାନକୁ ପର୍ଯ୍ୟଟକମାନେ ବୁଲି ଦେଖିଛନ୍ତି। ଉଦୟପୁର, ତାଳସାରୀ ସମୁଦ୍ର ମଧ୍ୟକୁ ସ୍ପିଡବୋଟରେ ୩/୪ କି.ମି. ଯାଇ ପର୍ଯ୍ୟଟକମାନେ ଆନନ୍ଦ ଉପଭୋଗ କରିଛନ୍ତି। ତାଳସାରୀ ଓଟିଡିସି ସହିତ ଦୀଘାର ସହସ୍ରାଧିକ ହୋଟେଲରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରଙ୍ଗୀନ ବିଦ୍ୟୁତ ଆଲୋକରେ ଆଲୋକିତ କରାଯାଇଛି। ବଡଦିନରେ ସବୁଠି ଯୁବତୀଯୁବକଙ୍କ ପିକନିକ ପାର୍ଟି, ଭୋଜିଭାତ, ପାନୀୟ ଖୁସିର ମାହୋଲ ଜମିଛି। ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ଜଗନ୍ନାଥପୁର ଛକଠାରୁ ଚନ୍ଦନେଶ୍ୱର, ତାଳସାରୀ ଚନ୍ଦନେଶ୍ୱରଠାରୁ ବର୍ଡ଼ର ପର୍ଯ୍ୟନ୍ତ ୪ଚକିଆ ଯାନର ଲମ୍ବାଲାଇନ ଲାଗିଥିବାରୁ ପୋଲିସକୁ ନାକେଦମ ହେବାକୁ ପଡିଛି। ଚର୍ଚ୍ଚଗୁଡିକ ବିଦ୍ୟୁତ ଆଲୋକରେ ଉଦ୍ଭାସିତ ହୋଇଥିବା ବେଳେ ଖ୍ରୀଷ୍ଟାଧର୍ମୀମାନେ ଯୀଶୁଙ୍କ ଜନ୍ମଦିନରେ ବିଶ୍ୱରୁ ମହାମାରୀ ହଟିବା ସହିତ ଦୟା, କ୍ଷମା, ସହନଶୀଳତା ପାଇଁ ଗୀର୍ଜାରେ ପ୍ରଭୁଙ୍କୁ ପ୍ରାର୍ଥନା କରିଛନ୍ତି।

# ମା' ତାରିଣୀଙ୍କୁ ଦର୍ଶନକଲେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଘଟଗାଁ,୨୫।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଘଟଗାଁ ପ୍ରସିଦ୍ଧ ମା' ତାରିଣୀଙ୍କୁ ରବିବାର ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ମା'ଙ୍କ ଦର୍ଶନ ନିମନ୍ତେ ବିଳମ୍ବିତ ରାତିରୁ ଧାଡ଼ିରେ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଭକ୍ତଙ୍କ ସଂଖ୍ୟାକୁ ଲକ୍ଷକରି ପୋଲିସ ପ୍ରଶାସନ ତରଫରୁ ସୁରକ୍ଷା ଓ ଶୃଙ୍ଖଳା ଦର୍ଶନ ପାଇଁ କଡ଼ାକଡ଼ି ପଦକ୍ଷେପ ଗ୍ରହଣ କରାଯାଇଥିଲା। ମନ୍ଦିର ପ୍ରଶାସନ ତରଫରୁ ଶୃଙ୍ଖଳା ଦର୍ଶନ ପାଇଁ ବାରିକେଡ଼ ବ୍ୟବସ୍ଥା କରାଯାଇଥିଲା। ଲୋକେ ୮ ଟି ଧାଡ଼ିରେ ଯାଇ ଦର୍ଶନ କରିଥିଲେ। ବରିଷ୍ଠ ପୂଜକ ରବିନାରାୟଣ ଦେହୁରୀ, ଶ୍ୟାମସୁନ୍ଦର ଦେହୁରୀ, ନଟବର ଦେହୁରୀ ସମେତ ୧୫ରୁ ଉର୍ଦ୍ଧ୍ୱ ପୂଜକ ରାତି ୪ ଟାରୁ ଆସି ମା'ଙ୍କର ଷୋଡ଼ଶ ଉପଚାର କରିବା ସହ ବଡ଼ସିଂହାର ପୂଜା ମଙ୍ଗଳ ଆଳତୀ କରିଥିଲେ। ସକାଳୁ ୬ ଟାରୁ ପହଡ଼ ଖୋଲିବା ମାତ୍ରେ ଲମ୍ବାଧାଡ଼ିରେ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ଦିନ ୧ ଟା ପର୍ଯ୍ୟନ୍ତ ଭିଡ଼ ଲାଗିରହିଥିଲା। ଶାଳବଣ ବାଙ୍କ, ହାଟଛକ ଶନିମନ୍ଦିର ପାଖରେ ପୋଲିସ ପାର୍କିଂ ବ୍ୟବସ୍ଥା କରିଥିଲା। ବଜାର ମଧ୍ୟକୁ ଓ ମନ୍ଦିର ପରିସର ରାସ୍ତାରେ କୌଣସି ଗାଡ଼ି ଯାତାୟାତକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା। ଫଳରେ ଶ୍ରଦ୍ଧାଳୁମାନେ ନିରାପଦାରେ ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଘଟଗାଁ ଏସ୍‌ଡିପିଓ ସୁଶିଲ ମିଶ୍ର, ଥାନା ଅଧିକାରିଣୀ ପ୍ରତିଭା ମଞ୍ଜରୀ ସାହୁ ଉପସ୍ଥିତ ରହି ଟ୍ରାଫିକ ନିୟନ୍ତ୍ରଣ କରୁଥିଲେ।



ମା'ଙ୍କୁ ଦର୍ଶନ ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି ଶ୍ରଦ୍ଧାଳୁ।

# ନଦୀରେ ଗାଧୋଇଲେ, ବୋଟିଂର ମଜାନେଲେ

- ସାନଘାଗରାରେ ଅସମ୍ଭାଳ ଭିଡ଼
- ନିୟନ୍ତ୍ରଣ କରିବାକୁ ପୋଲିସ ନାକେଦମ

କେନ୍ଦୁଝର,୨୫।୧୨(ସ୍ୱ.ପ୍ର.): ରାଜ୍ୟ ପ୍ରସିଦ୍ଧ କେନ୍ଦୁଝର ଜିଲାର ସାନଘାଗରା ଜଳ ପ୍ରପାତ ପର୍ଯ୍ୟଟନ ସ୍ଥଳରେ ବଡ଼ଦିନରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ଭୋଜିଭାତ କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ଜଳପ୍ରପାତ, ଝରଣା, ସବୁଜ ପରିବେଶ, ନଦୀରେ ଗାଧୋଇବା, ଶିଶୁମାନଙ୍କ ପାର୍କ, ଫୁଲ ଉଦ୍ୟାନ ଓ ତୋରଣ, ପରିବେଶ ବୁଲିବା ସହ ବୋଟିଂର ମଜା ଉଠାଇଥିଲେ। ନୃତ୍ୟଗୀତରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା। ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା।

କେନ୍ଦୁଝର ସହରଠାରୁ ମାତ୍ର ୬ କିମି ଦୂରରେ ଥିବା ପର୍ଯ୍ୟଟନକେନ୍ଦ୍ରରେ ପାନୀୟ ଜଳ, ଗାଡି ପାର୍କିଂ ଓ ଟ୍ରାଫିକ ନିୟନ୍ତ୍ରଣ ଭଳି ସମସ୍ୟାକୁ ନେଇ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଠାକୁ ପ୍ରବେଶ ଓ



ଭୋଜିଭାତ, ବୋଟିଂ ଆଦି କରିବା ପାଇଁ ଫି ଆଦାୟ ହେଉଥିଲେ ହେଁ ପର୍ଯ୍ୟଟକମାନଙ୍କ ପାଇଁ ସେଭଳି ଶୌଚାଳୟ, ପାନୀୟ ଜଳ, ଆଲୋକ ସୁବିଧା ହୋଇ ନ ଥିବା ଭୁବନେଶ୍ୱରରୁ ଆସିଥିବା ପର୍ଯ୍ୟଟକ ଆଶୀଷ ସାହୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଭିତରେ ପାର୍କିଂ ସୁବିଧା ନ ଥିବାରୁ ବାହାରେ ଏନ୍‌ଏଚ୍ ୪୯ କଡ଼ରେ ଜୁଡିଆ ଘାଟିରେ ଶହ ଶହ ସଂଖ୍ୟାରେ ଗାଡ଼ି ଉଭୟ ପାର୍ଶ୍ୱରେ ରହିଥିବା ଦେଖାଯାଇଥିଲା। ଫଳରେ ଯାତାୟାତ କରୁଥିବା ଲାଇନ୍ ଟ୍ରକ୍ ଗୁଡ଼ିକ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣା ଏଡ଼ାଇବା ପାଇଁ ପୋଲିସ ମୁତୟନ ହୋଇଥିଲେ ହେଁ ପାର୍କିଂ ବ୍ୟବସ୍ଥା ନ ଥିବାରୁ ନାକେଦମ ହେବାକୁ ପଡ଼ିଥିଲା। ପର୍ଯ୍ୟଟନ ସ୍ଥଳରେ ଆମୋଦ ପ୍ରମୋଦ ବ୍ୟବସ୍ଥା, ଆଶ୍ରୟ ସ୍ଥଳ ଆଦି ନିର୍ମାଣ କରିବା ସହ ବନ୍ଦ ରହିଥିବା ମ୍ୟୁଜିୟମ ଖୋଲିବା ପାଇଁ ରାଉରକେଲାର ପର୍ଯ୍ୟଟକ ଉମେଶ ଚୌଧୁରୀ ଦାବି କହିଥିଲେ।

# 'ଭଦ୍ରକ କଲେଜକୁ ମିଳୁ ବିଶ୍ୱବିଦ୍ୟାଳୟ ମାନ୍ୟତା'


କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଭାଜପା ନେତା ପଞ୍ଚାନନ ରାଉତ।

### କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଭାଜପା ନେତା

ଭଦ୍ରକ ଅଫିସ,୨୫।୧୨

ଭାଜପା ନେତା ପଞ୍ଚାନନ ରାଉତ ରବିବାର ଦିଲ୍ଲୀରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଭଦ୍ରକ ଜିଲାର ଆଞ୍ଚଳିକ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୁରାତନ ଛାତ୍ର ଭାବେ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ, ଏକ ପାରା ମିଲିଟାରୀ କ୍ୟାମ୍ପ ପ୍ରତିଷ୍ଠା, ଆଖୁଆପଦା ଓ ପାଇମହୁରା ଛକଠାରେ ଗଳାପୋଲ ନିର୍ମାଣ, ଭଦ୍ରକ ବିଧାନସଭା କ୍ଷେତ୍ର ଅଧୀନ ରାଣୀତାଲ ଓ ଭଦ୍ରକ ଷ୍ଟେଶନ ମଧ୍ୟରେ ଥିବା ୧୧୮ ନମ୍ବର ଏଲ୍‌ଏସି, କେନ୍ଦୁଆପଦା ଓ ମଞ୍ଜୁରୀରୋଡ୍ ଷ୍ଟେଶନ ମଧ୍ୟରେ ଥିବା ୧୨୫, ମଞ୍ଜୁରୀରୋଡ୍ ଓ ବୈତରଣୀ ରୋଡ୍ ମଧ୍ୟରେ ଥିବା ୧୨୯ ନମ୍ବର ଏଲ୍‌ଏସି ରେଳ ଓଭରବ୍ରିଜ ପାଇଁ ୨୦୨୦ରୁ ଅନୁଦାନ ମଞ୍ଜୁର ହୋଇ ଟେଣ୍ଡର ହୋଇଥିବା ବେଳେ କାମ ତୁରନ୍ତ ଆରମ୍ଭ କରାଯିବାକୁ ସେ ଦାବି ଜଣାଇଛନ୍ତି।

# ଉଠ, ଜାଗ, ଅମୃତ ମହୋତ୍ସବ ଯାତ୍ରା | ୩୧ରୁ ଜିଲା ପରିକ୍ରମା

ବାରିପଦା ଅଫିସ,୨୫।୧୨

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନାଲୋଚିତ ଯୋଦ୍ଧାମାନଙ୍କର ବୀରତ୍ୱର ଗାଥାକୁ ଲୋକଲୋଚନକୁ ଆଣିବା ପ୍ରୟାସରେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଦ୍ୱାରା ଉଠ, ଜାଗ, ଅମୃତ ମହୋତ୍ସବ ଯାତ୍ରା ଅନୁଷ୍ଠିତ ହେଉଛି । ସମଗ୍ର ଦେଶରେ ଆଜାଦୀ କି ଅମୃତ ମହୋତ୍ସବ ପାଳନ ଅବସରରେ ସୁପ୍ତ ରାଷ୍ଟ୍ରୀୟ ଚେତନାକୁ ଜାଗରଣ କରିବା ଓ ସ୍ୱାଧୀନୋତର ଭାରତୀ ୭୫ ବର୍ଷର ଉପଲବ୍ଧିକୁ ଅନୁଭବ କରିବାକୁ ନେଇ ଏଭଳି ଆୟୋଜନ କରାଯାଇଛି। ରବିବାର ରାଷ୍ଟ୍ରୀୟ ଚିନ୍ତନ ଦିବସର ଶୁଭ ଅବସରରେ ଶ୍ରୀକ୍ଷେତ୍ର ପୁରୀରୁ ଯାତ୍ରା ଆରମ୍ଭ ହୋଇଛି। ଯାତ୍ରା ଡିସେମ୍ବର ୩୧ରୁ ଜାନୁୟାରୀ ୨ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲା ମଧ୍ୟରେ ପରିକ୍ରମା କରିବ। ଏନେଇ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାରିପଦା ଶାଖା ପକ୍ଷରୁ ସୂଚନା ଦିଆଯାଇଛି। ଯାତ୍ରା ରାଜ୍ୟର ୧୯ ଜିଲା ପରିକ୍ରମା କରି ଜାନୁୟାରୀ ୨୩ରେ ଭୁବନେଶ୍ୱରଠାରେ ଉଦ୍‌ଯାପିତ ହେବ। ବାରିପଦା ସହରରେ ଡିସେମ୍ବର ୩୧ ସନ୍ଧ୍ୟାରେ ଉକ୍ତ ଯାତ୍ରାକୁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ମୟୂରଭଞ୍ଜର ମହାରାଣୀ ରଶ୍ମିରାଜଲକ୍ଷ୍ମୀ ଭଞ୍ଜଦେଓଙ୍କ ଅଧ୍ୟକ୍ଷତାରେ ସ୍ୱାଗତ କରାଯାଇ ଏକ ରାଲିରେ ଛଉ ପଡ଼ିଆରେ ଅନୁଷ୍ଠିତ ନବମ ପୁସ୍ତକ ମେଳାକୁ ପାଛୋଟି ନିଆଯିବ। ସେଠାରେ ବେତନଟୀ, ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ପ୍ରଭୃତି ସ୍ଥାନରେ ଜିଲାର ମହାବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ତଥା ବିଭିନ୍ନ ଅଗ୍ରଣୀ ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଆଧ୍ୟାତ୍ମିକ ସଂଗଠନଗୁଡ଼ିକୁ ନେଇ ଗଠିତ ସମ୍ବର୍ଦ୍ଧନା ସମିତି ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ସେଠାରେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାରିପଦା ଶାଖା ମୟୂରଭଞ୍ଜ ପୁସ୍ତକ ମେଳାର ସହଯୋଗିତାରେ କାର୍ଯ୍ୟକ୍ରମ ଆୟୋଜନ କରୁଛି।

# କୋବି ଗୋଟାକୁ ୩ ଟଙ୍କା

### ଶୀତଳଭଣ୍ଡାର ନାହିଁ, ଅଭାବୀ ବିକ୍ରି ଶିକାର ଚାଷୀ

ଜଳେଶ୍ୱର, ୨୫।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ କୋବି ଚାଷୀମାନେ ଉଚିତ୍ ମୂଲ୍ୟ ନ ପାଇ ହତାଶ ହୋଇପଡିଛନ୍ତି। ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ଫୁଲ ଓ ବନ୍ଧାକୋବି ଗୋଟାକୁ ୩ଟଙ୍କାରେ ବିକ୍ରି କରି ବ୍ୟାପକ କ୍ଷତି ସହୁଛି।

ଚାଷୀ ୧ ଏକର ଜମି ଲାଗି ୧୦୦ ଗ୍ରାମ ମଞ୍ଜିକୁ ୪ରୁ ୫ହଜାର ଟଙ୍କା ଦେଇ କିଣିଥାନ୍ତି । ସକତା, ସେମିନିସ, ମାର୍ବଲ, କୋରାଲ ହ୍ୱାଇଟ୍, ଟେଟ୍ରିସ୍, ଶୀତଳ କିସମର କୋବି ମଞ୍ଜି ଜଳେଶ୍ୱର ଅଞ୍ଚଳରେ ଚାଷ ହୋଇଥାଏ । ଅକ୍ଟୋବର ୧୫ ତାରିଖ ସୁଦ୍ଧା ଚାଷୀମାନେ ତଳି ପକାଇଥାନ୍ତି । ପ୍ରକାର ଭେଦରେ ୨୫ରୁ ୩୦ ଦିନ ପରେ ତଳି ଲଗାଯାଇଥାଏ। ୧ଏକର ଜମିରେ ପ୍ରାୟ ୧୦ହଜାର ଚାରାରୋପଣ କରାଯାଏ। ୫୦ରୁ ୮୦ଦିନ ପରେ କୋବି ଅମଳ ହୁଏ । ଜଳେଶ୍ୱରର ୩୫ଟି ପଞ୍ଚାୟତର ଚାଷୀ ପୂର୍ବରୁ କୋବି ଚାଷ କରି ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରିଆସୁଥିଲେ।


ଜଳେଶ୍ୱର ଅଞ୍ଚଳର ଦୁଇ ଚାଷୀ କୋବି ଦେଖାଉଛନ୍ତି।

ଚଳିତବର୍ଷ ବଜାର ମାନ୍ଦା ଯୋଗୁ ଆଖିଦୃଶିଆ ବିକ୍ରୀବଟା ହୋଇପାରୁନି। ଜଳେଶ୍ୱର ବ୍ଲକର ମାକିଡିଆ, ଓଲମରା, ଦକ୍ଷିଣ ପ୍ରହରାଜପୁର, ଶ୍ରୀରାମପୁର, ଶିଖରପୁର, ଗୋବରଘଟା, ଲକ୍ଷ୍ମଣନାଥ, ମହମ୍ମଦନଗରପାଟଣା, ରାୟାଁରାମଚନ୍ଦ୍ରପୁର, ରାଜପୁର, ପାଇକସିଦା, ପଶ୍ଚିମବାର୍ଡ, ଝାଡପିମ୍ପଳ, ବାଇଗଣବାଡିଆ, ଗଡସାହିବାଲିଆପାଳ ପଂଚାୟତର ପ୍ରାୟ ୬ଶହ ହେକ୍ଟର ଜମିରେ କୋବିଚାଷ ହୋଇଛି । ଏହି ଅଞ୍ଚଳରୁ ଉତ୍ପନ୍ନ କୋବି ଉତ୍କୃଷ୍ଟ ବୋଲି ଉଦ୍ୟାନ ବିଭାଗ ପକ୍ଷରୁ କୁହାଯାଇଛି । ପ୍ରତିଦିନ ୭ରୁ ୮ଟ୍ରକ୍ କୋବି ଜଳେଶ୍ୱର, ବେଣାପୁରା, ଭେଲୋରା, ପଶ୍ଚିମବାର୍ଡ, ନାଚିନ୍ଦା, ସୁନାକଣିଆ, ମାକିଡିଆ ହାଟରେ ବିକ୍ରି ହେଉଛି। ମୁଣ୍ଡ ଝାଳ ତୁଣ୍ଡରେ ମାରି, ଧାର କରଜ କରି ଚାଷୀ କୋବି କରିଥିବା ବେଳେ ଏବେ ଏହା ଶାଗମାଛ ଦରରେ ବ୍ୟବସାୟୀ କିଣୁଛି । କିନ୍ତୁ ବ୍ୟବସାୟୀ ଏହାକୁ ଦୂରସ୍ଥାନକୁ ପଠାଇ ମାଲେମାଲ ହେଉଛି ।

ଏ ସମ୍ପର୍କରେ ଚାଷୀ ଅନୀଲ ମହାନ୍ତି, ଭଗିରଥ ଗିରି, ସୁଦର୍ଶନ ମାଇତି, ଶମ୍ଭୁ ମାଇତି, ପରିତୋଷ ମାଇତି, ଖୋକନ୍ ଜେନା, ରବୀନ୍ଦ୍ର ଦଳେଇ କୁହନ୍ତି, ସେମାନେ ଧାର କରଜ କରି କୋବି ଚାଷ କରିଥିଲେ । ଅନୁକୂଳ ପାଗ ଯୋଗୁ ଚଳିତବର୍ଷ କୋବିଚାଷ ପ୍ରତି ଗୁରୁତ୍ୱ ଦେଇଥିଲେ। ହେଲେ ବିକ୍ରୀ ସୁବିଧା ନ ଥିବାରୁ ଚାଷୀମାନେ ବ୍ୟବସାୟୀଙ୍କ ଦ୍ୱାରା ଶୋଷଣ ହେଉଛନ୍ତି। ସାହୁକାରଙ୍କଠାରୁ ଟଙ୍କା କିମ୍ବା ସାର ଓ କୀଟନାଶକ ଲାଗି ଦୋକାନରୁ କରଜ କରିଥିବା ଅର୍ଥ ଅମଳ ପରେ ସେମାନେ ନେଇ ଯାଇଛନ୍ତି । ଚାଷୀ ବିମୁଖ ହୋଇ କୋବି ଜମିରୁ ସଂଗ୍ରହ କରୁ ନ ଥିବା ବେଳେ ଗୋରୁ ଚରୁଥିବା ଦେଖିବାକୁ ମିଳୁଛି ।

ଧରିତ୍ରୀ
DHARITRI
ସୋମବାର, ୨୬ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ୩୦ରେ ବୈଦିକ ଭକ୍ତି ମେଳା

ସିମୁଳିଆ, ୨୫।୧୨(ଡି.ଏନ୍.ଏ.)- ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ସଦରମହକୁମା ମାର୍କୋଣସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଅନ୍ନପୂର୍ଣ୍ଣା ମନ୍ଦିର ପଡିଆରେ ଶ୍ରୀ ଭଗବାନ ଦାଶ ଗୀତା ଜୟନ୍ତୀ ସମିତିର ୪୪ତମ ବୈଦିକ ଭକ୍ତି ମେଳା ଶ୍ରୀ ଶ୍ରୀ ନୀଳମାଧବ ମହାଯଜ୍ଞ ସମାରୋହ ଆସନ୍ତା ୩୦ତାରିଖରେ ଅନୁଷ୍ଠିତ ହେବ । ଏହି ଅବସରରେ ରବିବାର ମନ୍ଦିର ପରିସରରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସମ୍ପାଦକ ହରେକୃଷ୍ଣ ପଣ୍ଡା ଯଜ୍ଞ ସମ୍ପର୍କୀୟ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ୧୯୭୯ରୁ ଆରମ୍ଭ ହୋଇଥିବା ଏହି ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ୪୪ବର୍ଷରେ ପାଳିତ ହେଉଛି। ଏହି ଅବସରରେ ୬ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଯଜ୍ଞ ଉତ୍ସବରେ ୫ଲକ୍ଷ ଓ ନାରାୟଣ ସେବାରେ ୧ଲକ୍ଷ ଟଙ୍କା ବ୍ୟୟ କରାଯିବ । ମୁଖ୍ୟ ପଣ୍ଡିତ ରୂପେ ଦୟାନିଧି ପତ୍ରୀଙ୍କ ସମେତ ମୋଟ ୧୩୦ଜଣ ପଣ୍ଡିତ ଯୋଗଦାନ କରିବେ । ୧୦୮ଜଣ ମହିଳା ଓ ୧୦୮ଜଣ ପୁରୁଷ ମାର୍କୋଣା ଷ୍ଟେଶନ ବଜାରସ୍ଥିତ ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ଯଜ୍ଞ ମଣ୍ଡପରେ ପହଞ୍ଚିବେ। କରୋନା ସଚେତନାକୁ ଦୃଷ୍ଟିରେ ରଖି ସମସ୍ତ ଭକ୍ତମାନେ ମାକ୍ସ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ସଭାପତି ହୃଷିକେଶ ପଣ୍ଡା, ବନମାଳୀ ବିଶ୍ୱାଳ, ରାଜେନ୍ଦ୍ର କୁମାର ମହାପାତ୍ର, ପଦ୍ମନାଭ ଦାଶ, ଗୌରାଙ୍ଗ ନାୟକ, କୈଳାସ ନାୟକ, ଉପେନ୍ଦ୍ର ପଣ୍ଡା ପ୍ରମୁଖ ସଭ୍ୟମାନେ ଯୋଗ ଦେଇଥିଲେ ।

### ଜଳବାୟୁ ପରିବର୍ତ୍ତନ ଯୋଗୁ ନଦୀ, ନାଳ ଶୁଷ୍କ ହେଉଛି

ତେଲକୋଇ,୨୫।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଅନ୍ତର୍ଗତ ଟେମ୍ପେଲେଇ ଗ୍ରାମରେ ଜଳବାୟୁ ପରିବର୍ତ୍ତନ ଓ ତାର ପ୍ରଭାବ ବିଷୟରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କିର୍ତି ଅନୁଷ୍ଠାନ ପକ୍ଷରୁ କାର୍ତ୍ତିକ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିବେଶବିତ୍ ଡ. ବିଦ୍ୟାଧର ବେହେରା, ନରେଶ ପଟ୍ଟନାୟକ ଯୋଗଦେଇ ଜଳବାୟୁର ପରିବର୍ତ୍ତନ ଯୋଗୁ ବର୍ଷାର ଅନିୟମିତତା ଦେଖାଦେଇଛି। ନଦୀ, ନାଳ ଶୁଷ୍କ ହୋଇ କ୍ଷତିଗ୍ରସ୍ତ ହେଉଛି। ହାଇବ୍ରିଡ୍ କୃଷି ଯୋଗୁ ମୃତ୍ତିକା ବିଷ ହୋଇଯାଉଛି। ଆଗ ଭଳି ବିଲରେ ମାଛ ଦେଖିବାକୁ ମିଳୁନାହିଁ। ଖଣି ଶିଳ୍ପର ବର୍ଜ୍ୟବସ୍ତୁ ଠିକ୍ ପରିଚାଳନା ହେଉ ନ ଥିବାରୁ ବାୟୁ, ଜଳ ପ୍ରଦୂଷଣ ବଢୁଛି ବୋଲି କହିଥିଲେ। ସରପଞ୍ଚ କୁମୁଦିନୀ ନାଏକ, ଲକ୍ଷ୍ମଣ ପୂର୍ତ୍ତି ଗ୍ରାମର ସମା ମୁଣ୍ଡା, ସନାତନ ରାଉତ, ରାହାସ ମିଶ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

### ବଡ଼ଦିନ ପାଳିଲେ

ବନ୍ତ, ୨୫।୧୨ (ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ପୁରୁଣାବଜାରଠାରେ ରବିବାର ସାଧୁ ସମାଜ ଖ୍ରୀଷ୍ଟୀୟ ମଣ୍ଡଳୀ ଶାଖା ପକ୍ଷରୁ ବଡ଼ଦିନ ପର୍ବ ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଶାଖା ସଭାପତି ସୁରେନ୍ଦ୍ର ମଲ୍ଲିକ, ଉପସଭାପତି ହାଡ଼ିବନ୍ଧୁ ସେଠୀ, ସମ୍ପାଦକ ମନୋଜ କୁମାର ନାୟକ, ସହସମ୍ପାଦକ ଭାବଗ୍ରାହୀ ରାଉତ, ସଦସ୍ୟ ମୁକ୍ତିକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ୨ୟ ପର୍ଯ୍ୟାୟରେ ମଳୟ କୁମାର ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବିମଳ କୁମାର ବେହେରା, ଆରତି ସାହୁ, ସାମାଜିକ କର୍ମୀ ସୁଧାଂଶୁ ଶେଖର ନାୟକ, ସଞ୍ଜୟ ମଜୁମଦାର, ନରେନ୍ଦ୍ର ମିଶ୍ର ଓ ମାଧବ ଦାସ ଯୋଗ ଦେଇଥିଲେ। ପ୍ରଦୀପ ନାୟକ, ଶତ୍ରୁଘ୍ନ ମହାରାଜ, ଅଜୟ ମହାନ୍ତି, ନକୁଳ ଭଞ୍ଜରାୟ ପ୍ରମୁଖ ସହଯୋଗ କରିଥିଲେ।

# ହାତୀଙ୍କୁ ବିପଦ ବିଦ୍ୟୁତ୍ ତାର

**ଚଳପ୍ରଚଳ ଅଞ୍ଚଳରେ ବିପଦ ମୁକ୍ତ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ**

ବାରିପଦା ଅଫିସ,୨୫।୧୨

ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦ ଦେଶ ସମେତ ସମଗ୍ର ବାରିପଦା ବନଖଣ୍ଡରେ ବିପଦସଙ୍କୁଳ ଅବସ୍ଥାରେ ଏଲ୍ଟି ଓ ୧୧ କେଭି ବିଦ୍ୟୁତ୍ ତାର ଏବଂ ମୁକୁଳା ଟ୍ରାନ୍ସଫର୍ମର ରହିଛି। ବିଜୁଳି ତାରକୁ ସୁରକ୍ଷିତ ଉଚ୍ଚତାକୁ ନେବାକୁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। କିନ୍ତୁ ବନ ଓ ବିଦ୍ୟୁତ୍ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଏବେ ହାତୀଙ୍କ ପାଇଁ ବିପଦ ପାଲଟିଛି ଏହି ବିଦ୍ୟୁତ୍ ତାର। ହାତୀ ଯାତାୟାତ ବେଳେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ଉପଭୋକ୍ତାଙ୍କୁ ଅତିଷ୍ଠ କରୁଛି। ସେମାନଙ୍କ ଚଲାପଥରେ ବିପଦମୁକ୍ତ ବିଦ୍ୟୁତ୍ ଯୋଗାଣ ଅସମ୍ପୂର୍ଣ୍ଣ ହୋଇ ପଡ଼ିଛି।

ଶିମିଳିପାଳ ଅଭୟାରଣ୍ୟ ପରେ ସବୁଠାରୁ ବଡ଼ ବନଖଣ୍ଡ ହେଉଛି ବାରିପଦା ବନଖଣ୍ଡ ଜିଲାର ୧୪ଟି ବ୍ଲକର ୭ଟି ରେଞ୍ଜକୁ ନେଇ ଏହି ବନଖଣ୍ଡ ଗଠିତ। ଗତ ୧୦ବର୍ଷ ହେଲା ଏଠାରେ ବର୍ଷତମାମ ହାତୀ ଚଳପ୍ରଚଳ ଜାରି ରହିଛି। ଏହି ରାସ୍ତାରେ ସନ୍ଧ୍ୟା ହେଲେ ଶିମିଳିପାଳ ଓ ଝାଡ଼ଖଣ୍ଡୀ ହାତୀ ଖାଦ୍ୟ ଅନ୍ୱେଷଣରେ ଚାଷଜମି ଓ ଗାଁ ମଧ୍ୟକୁ ଆସିଥାନ୍ତି। ଟ୍ରାନ୍ସଫର୍ମରକୁ ତାରବାଡ଼ ହେଉ କିମ୍ବା ପାଚେରି କରି ରଖିବାକୁ ନିୟମ ରହିଛି। ମାତ୍ର ଏଠି ସବୁ ନିୟମକୁ ଅଣଦେଖା କରାଯାଇଛି। ବିଦ୍ୟାଧର ମହାନ୍ତ, ସୁନାରାମ ସିଂ, ହରିଶଚନ୍ଦ୍ର ଦାସ ଓ ରାମଚନ୍ଦ୍ର ସିଂ ପ୍ରମୁଖଙ୍କ କହିବାନୁଯାୟୀ ବାରମ୍ବାର ଅଭିଯୋଗ ପରେ ବନ ଓ ବିଦ୍ୟୁତ୍ ବିଭାଗ ଶୁଣୁନାହାନ୍ତି। ବନବିଭାଗ ପକ୍ଷରୁ ବିପଦସଙ୍କୁଳ ଖୁଣ୍ଟକୁ ଚିହ୍ନଟ କରି ମରାମତି କରିବାକୁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଉଥିବା ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀ କହିଛନ୍ତି। କେବଳ ବାରିପଦା ବନଖଣ୍ଡ ଅଧୀନରେ ଏଲ୍ଟି ଓ ୧୧କେଭିକୁ ମିଶାଇ ମୋଟ ୧୦୩୯ଟି ପଏଣ୍ଟରେ ତ୍ରୁଟି ସୁଧାରିବା ପାଇଁ ଚିହ୍ନଟ କରାଯାଇ ବିଦ୍ୟୁତ୍ ବିଭାଗକୁ ପତ୍ର ଯୋଗେ ଅବଗତ କରାଯାଇଥିବା ବେଳେ ବିଦ୍ୟୁତ୍ ବିଭାଗ ୩୨୫ଟି ପଏଣ୍ଟରେ ତ୍ରୁଟି ସୁଧାରିଛି। ଏବେ ମଧ୍ୟ ୭୧୪ଟି ପଏଣ୍ଟରେ କାମ ବାକି ରହିଛି ବୋଲି ଯୋଶୀ କହିଛନ୍ତି। ଫଳରେ ୭୧୪ ସ୍ଥାନରେ ହାତୀଙ୍କ ପାଇଁ ବିପଦ ରହିଛି। ୨୦୧୪-୧୫ ଆର୍ଥିକ ବର୍ଷରୁ ହାତୀ ଚଲାପଥକୁ ସୁରକ୍ଷିତ କରିବାକୁ ଆରମ୍ଭ ହୋଇଛି ଯୋଜନା। ମାତ୍ର ୭ ବର୍ଷ ପରେ ମଧ୍ୟ ଜିଲାର ଗୋଟିଏ ବନଖଣ୍ଡରେ ଅଧାରୁ କମ କାର୍ଯ୍ୟ ହେବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ବାସିନ୍ଦା।

ହାତୀ ଚଲାପଥକୁ ସୁରକ୍ଷିତ କରିବାକୁ ୨୦୧୪-୧୫ ଆର୍ଥିକ ବର୍ଷରେ ସରକାରଙ୍କୁ ବିଦ୍ୟୁତ୍ ବିଭାଗ ୨୫ କୋଟି ଟଙ୍କାର ବ୍ୟୟ ଅଟକଳ ପଠାଇଥିଲା। ଏଥିପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୯ କୋଟି ୭୬ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରିଥିଲେ। ୨୦୧୬-୧୭ ଆର୍ଥିକ ବର୍ଷରେ ପୁଣି ୪ କୋଟି ୮୮ ଲକ୍ଷ ୭୧ ହଜାର ଟଙ୍କା ମୟୂରଭଞ୍ଜ ଜିଲାରେ ହାତୀ ଚଲାପଥ ସୁରକ୍ଷା ପାଇଁ ଆସିଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ଖର୍ଚ୍ଚ ହୋଇଛି ୩ କୋଟି ୮୪ ଲକ୍ଷ ୪୪ ହଜାର ଟଙ୍କା । ୨୦୧୯ ପରେ କେତେ ଟଙ୍କା ଏହି ହାତୀ ଚଲାପଥ ସୁରକ୍ଷା ବାବଦରେ କେଉଁ ଅଞ୍ଚଳରେ ଖର୍ଚ୍ଚ ହୋଇଛି ତା'ର କୌଣସି ଉତ୍ତର ନାହିଁ ବିଭାଗ ନିକଟରେ। ଏହି ଅଞ୍ଚଳକୁ ବିଦ୍ୟୁତ୍ ବିଭାଗ ଅଣଦେଖା କରିବା ଅଘଟଣକୁ ଆମନ୍ତ୍ରଣ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ମୟୂରଭଞ୍ଜ ଜିଲା ଦାୟିତ୍ୱରେ ଥିବା ଟିପିଏନ୍ଓଡିଏଲର ଅଧୀକ୍ଷଣ ଯନ୍ତ୍ରୀ ହରିଶ କୁମାର ପଣ୍ଡା କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନ ଥିବା ବେଳେ ବନବିଭାଗ ସହିତ ସମନ୍ୱୟ ରଖାଯାଇ କାର୍ଯ୍ୟ କରାଯାଉଛି ବୋଲି କହିଛନ୍ତି।

## ରାଜ୍ୟସ୍ତରୀୟ କବି ସମ୍ମିଳନୀରେ ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଟା ସମ୍ମାନିତ



କ୍ରୀତିକ୍ରିଷ୍ଟା ପଣ୍ଡାଙ୍କୁ ସମ୍ମାନିତ କରାଯାଉଛି ।

ଧାମନଗର,୨୫।୧୨(ସ୍ୱ.ପ୍ର.)

କଟକର ଓଡ଼ିଶା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଷୋଡ଼ଶ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବରେ ଭଦ୍ରକ ଜିଲା ଧାମନଗର ବ୍ଲକର ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଟା ପଣ୍ଡା (୧୯)ଙ୍କୁ ସମ୍ମାନିତ କରାଯାଇଛି। କଟକର ରାମଚନ୍ଦ୍ର ଭବନଠାରେ ରବିବାର ଅନୁଷ୍ଠାନର ସଭାପତି ଡା. ସତ୍ୟ ରାୟଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ତାଙ୍କୁ ଉତ୍ତରୀୟ, ଫଳକ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଧାମନଗର ବ୍ଲକ ଅଧୀନ କଟସାହି ପଞ୍ଚାୟତ ବଉଳନାଳି ଶାସନର ଆଇନଜୀବୀ ସ୍ନେହାଶିଷ ପଣ୍ଡା ଓ ଡାକ ଶାଖା ଅଧିକାରିଣୀ ତିଲୋତ୍ତମା ମିଶ୍ରଙ୍କ ଝିଅ କ୍ରୀତିକ୍ରିଷ୍ଟା।

# ଜାତୀୟ ଉପଭୋକ୍ତା ଦିବସ



ଜାତୀୟ ଉପଭୋକ୍ତା ଦିବସରେ ମୁଖ୍ୟଅତିଥି ବକ୍ତବ୍ୟ ରଖୁଛନ୍ତି।

ବାଲେଶ୍ୱର ଅଫିସ, ୨୫।୧୨

ବାଲେଶ୍ୱର ସହର ଅଙ୍ଗାରଗଡ଼ିଆସ୍ଥିତ ବିକାଶନଗର କମ୍ୟୁନିଟି ସେଣ୍ଟରରେ ଜାତୀୟ ଉପଭୋକ୍ତା ଦିବସ ଶନିବାର ଜିଲା ପ୍ରଶାସନ ଓ ଭରସା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଉଦ୍ଘାଟକ ତଥା ମୁଖ୍ୟଅତିଥି ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଯୋଗଦେଇ ଉପସ୍ଥିତ ବ୍ୟକ୍ତିଙ୍କୁ ଏହି ଦିବସର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ସମ୍ପାଦକ ତଥା ସାମାଜିକ କର୍ମୀ ଯାଦବେଶ ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ତଥା ଉପଭୋକ୍ତାଙ୍କର ମୌଳିକ ଅଧିକାର ଉପରେ ଆଲୋଚନା କରିଥିଲେ। ଆଇନଜୀବୀ ବିକାଶ ରଞ୍ଜନ ଜେନା ସରକାରଙ୍କର ଉପଭୋକ୍ତା ସୁରକ୍ଷା ଆଇନଗତ ଦିଗ ଉପରେ ଚର୍ଚ୍ଚା କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ମଦନ ଦାସମହାପାତ୍ର ଅନୁରୂପ ଭାବେ ଗ୍ରାହକ ଜଗିଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଓଡ଼ିଶା ସରକାରଙ୍କ ଯୁଗ୍ମ ନିର୍ଦ୍ଦେଶକ କାର୍ଯ୍ୟାଳୟର ପ୍ରତିନିଧି ଜ୍ୟୋତିରଞ୍ଜନ ବଡ଼ଜେନା ଓଡ଼ିଶା ସରକାରଙ୍କ ଖାଉଟି କଲ୍ୟାଣ ବିଭାଗର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କର୍ମକର୍ତ୍ତା ତଥା ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଏବଂ କଲେଜ ଜାତୀୟ ସେବା ସଙ୍ଗଠନର ଛାତ୍ରୀଛାତ୍ର ତଥା ଅଞ୍ଚଳର ସଚେତନ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ। ଅଙ୍ଗନୱାଡ଼ି କର୍ମୀ ଅନିତା ଚାନ୍ଦ ଧନ୍ୟବାଦ ଦେଇଥିଲେ।

## କୁଡୁମୀ ସମାଜ ପକ୍ଷରୁ ଶହୀଦ ନିର୍ମଳ ଜୟନ୍ତୀ

ଖୁଣ୍ଟା,୨୫।୧୨(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ୍ ଅଧୀନସ୍ଥ ଲକ୍ଷ୍ମଣାସାହି, କେନ୍ଦୁଗାଡ଼ି, ତାଳକୁଣ୍ଡା, ଦେଉଳାଡ଼ିହି, ବଡ଼ଫେଣି ଏବଂ ବଡ଼ପଥରା ଆଦି କୁଡୁମୀ ଅଧୁଷିତ ଗ୍ରାମରେ ଶହୀଦ ନିର୍ମଳ ମହାନ୍ତଙ୍କ ୭୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କୁଡୁମୀ ନେତା ନିରଞ୍ଜନ ମହାନ୍ତଙ୍କ ନେତୃତ୍ୱରେ ସଭାରେ ଗ୍ରାମର ମହିଳା, ପୁରୁଷ ଏକତ୍ରୀତ ହୋଇ ବୀର ଶହୀଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ। ଶହୀଦ ନିର୍ମଳ ମହାନ୍ତ ଝାଡ଼ଖଣ୍ଡ ଆନ୍ଦୋଳନର ପ୍ରମୁଖ ସୂତ୍ରଧାର ଥିବା ବେଳେ ତାଙ୍କୁ ୧୯୮୭ରେ ଗୁଳିକରି ହତ୍ୟା କରାଯାଇଥିଲା। ତାଙ୍କ ବଳିଦାନ ଯୋଗୁ ୨୦୦୦ ମସିହାରେ ଝାଡ଼ଖଣ୍ଡ ନୂତନ ରାଜ୍ୟର ମାନ୍ୟତା ପାଇଥିଲା।

## ନଦୀବନ୍ଧ ନିର୍ମାଣ ପାଇଁ ୧୮.୭ କୋଟି ମଞ୍ଜୁର

**ବୈତରଣୀ ନଦୀରେ ବନ୍ୟା ନିୟନ୍ତ୍ରଣ ଯୋଜନା**

ଯାଜପୁର ଅଫିସ,୨୫।୧୨

ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ, ବୁଢ଼ା, ଖରସ୍ରୋତା, ବିରୂପା, କାଣୀ ଆଦି ନଦୀର ବନ୍ୟା ଜଳ ତଟାଞ୍ଚଳବାସୀଙ୍କ ପାଇଁ କାଳ ହୋଇଛି। ଜିଲାରେ ଗତ ୧୭ ବର୍ଷରେ ନିୟମିତ ବ୍ୟବଧାନରେ ୬ଟି ବଡ଼ ବନ୍ୟା ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଜିଲାରେ ୨୦୨୦ ଅଗଷ୍ଟ ବନ୍ୟାରେ ୨୫ଟି ଘାଇ ସୃଷ୍ଟି ହୋଇ ପ୍ରାୟ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲାବେଳେ ଏଥିରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା। ତଥାପି ପ୍ରଶାସନ ୨ ବର୍ଷ ପର୍ଯ୍ୟନ୍ତ ନିଦ୍ରାରେ ଶୋଇ ରହିଥିଲା। ଏହି କ୍ରମରେ ଗତ ଅଗଷ୍ଟରେ ଧରିତ୍ରୀରେ 'ଜୀବନ ପାଇଁ ଯୋଜନାର ଅଭାବ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏବେ ଜଳ ସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଇତିମଧ୍ୟରେ ବନ୍ୟା ନିୟନ୍ତ୍ରଣ ପାଇଁ ଷ୍ଟେଟ୍ ପାଇପଲାଇନ ପ୍ରୋଜେକ୍ଟ ଜରିଆରେ ବିଭିନ୍ନ ନଦୀବନ୍ଧ ପୁନରୁଦ୍ଧାର କରିବାକୁ ଅର୍ଥ ମଞ୍ଜୁର ହୋଇଛି। ସେଥିମଧ୍ୟରୁ ବୈତରଣୀ ନଦୀର ଡାହାଣପାର୍ଶ୍ୱ ରଣପୁରଠାରୁ ମଥୁରାପୁର ବ୍ରିଜ ପର୍ଯ୍ୟନ୍ତ ପ୍ରକଳ୍ପ ପାଇଁ ୯ କୋଟି ୯୦ ଲକ୍ଷ ୬ ହଜାର ଟଙ୍କା ଓ ବାମପାର୍ଶ୍ୱ ଭଦ୍ରକ ଜିଲାର ଦାସପାରିଠାରୁ ଅସ୍ତକ ପ୍ରକଳ୍ପ ପାଇଁ ୮ କୋଟି ୮୦ ଲକ୍ଷ ୮୫ ହଜାର ଟଙ୍କା ରହିଛି। ଏହାପୂର୍ବରୁ ବୈତରଣୀ ଡାହାଣପାର୍ଶ୍ୱ ହେମନ୍ତପୁର, ବାଲିପାଟଣା, ବଳରାମପୁର ନଦୀବନ୍ଧ ନିର୍ମାଣ କରିବାକୁ ୯ କୋଟି ୯୬ ଲକ୍ଷ ୩୦ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହି ୩ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲାର କୋରେଇ ଓ ଦଶରଥପୁର ବ୍ଲକ ଏବଂ ଭଦ୍ରକ ଜିଲାର ଭଣ୍ଡାରୀପୋଖରୀ ବ୍ଲକ ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ ହୋଇପାରିବ ବୋଲି ବିଭାଗ ପକ୍ଷରୁ ଆଶା କରାଯାଇଛି।

## ମନ ମୋହିଲା ହରି କଥା ଅମୃତବାଣୀ

ବାଲିଆପାଳ, ୨୫।୧୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବାଲିଆପାଳ ପଞ୍ଚାୟତ କରୁଆପଡ଼ା ଗ୍ରାମରେ ଥିବା ଇସ୍କନ ରାଧାମୋହନ ମନ୍ଦିରରେ ରବିବାର ଅନୁଷ୍ଠିତ ହରି କଥା ଅମୃତବାଣୀ ଭକ୍ତମାନଙ୍କ ହୃଦୟକୁ ମୋହିଥିଲା। ଶତାଧିକ ମହିଳା ପୁରୁଷ ଉପସ୍ଥିତ ହୋଇ ହରିକଥା ଶ୍ରବଣ କରିଥିଲେ। ବିଭିନ୍ନ ସ୍ଥାନରେ ଥିବା ନାମ ହଟର ସଭାପତିଙ୍କ ସହିତ ହରିପ୍ରେମୀମାନେ ଯୋଗଦେଇ ନିଜ ଅଞ୍ଚଳର ସନାତନ ହିନ୍ଦୁଧର୍ମକୁ ଉଜ୍ଜୀବିତ କରିବା ପାଇଁ ବିଭିନ୍ନ ସ୍ଥାନରେ ନାମ ହଟ ସ୍ଥାପନ କରିବାର ସଂକଳ୍ପ ନେଇଥିଲେ। ମନ୍ଦିର ପୂଜକ ଉଜ୍ଜଳ ହରି ଦାସ ମନ୍ଦିର ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ। ଇସ୍କନର ପ୍ରତିନିଧି ରଙ୍ଗରାଜ ମାଧବ ବ୍ରହ୍ମଚାରୀ ହରି କଥା ଅମୃତବାଣୀ ଶୁଣାଇଥିଲେ। ମନ୍ଦିର ପତ୍ରିଷ୍ଠାତା ଡା. ହରେକୃଷ୍ଣ ଦାସ ମନ୍ଦିର ଉପସ୍ଥିତ ହୋଇ ହରିକଥା ଶ୍ରବଣ କରିଥିଲେ।

## ଭାଜପା ପକ୍ଷରୁ ସୁଶାସନ ଦିବସ

ପାଟଣା/ଯୋଡ଼ା,୨୫।୧୨(ସ୍ୱ.ପ୍ର./ ଡି.ଏନ୍.ଏ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୮ ତମ ଜୟନ୍ତୀ ଅବସରରେ ଭାଜପା ପକ୍ଷରୁ ସୁଶାସନ ଦିବସ ପାଳନ ହୋଇଯାଇଛି। ଭାଜପାର ବରିଷ୍ଠ ନେତା ଅଭୟ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ମହେଶ୍ୱର ପୃଷ୍ଟି, ମୁଖ୍ୟ ବକ୍ତାଭାବେ ସାହାରପଡ଼ା ବ୍ଲକ୍ର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌତମ ନାୟକ, ସମ୍ମାନିତ ଅତିଥି ଭାବେ ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରହ୍ଲାଦ ପଲେଇ, ପ୍ରମୁଖ ଯୋଗଦେଇଥିଲେ। ଅନୁରୂପ ରାଜନଗର କଲ୍ୟାଣ ମଣ୍ଡପରେ କାବ୍ୟାଞ୍ଜଳି ସମିତି ପକ୍ଷରୁ କାର୍ଯ୍ୟକାରୀ ସଭାପତି ଅଖିଳଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅଟଳ ସାହିତ୍ୟ ସଂସଦ ସଭାପତି ରାଧାକାନ୍ତ ମହାନ୍ତ ଅଟଳବିହାରୀଙ୍କ ଜୀବନ ଦର୍ଶନ ଉପରେ କହିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ବିପିନ ବିହାରୀ ମହାପାତ୍ର, ମୁଖ୍ୟ ବକ୍ତାଭାବେ ନଦୀ ସୁରକ୍ଷା ସମିତି ରାଜ୍ୟ ସଭାପତି ମହେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମେଳନ ସଭାପତି ନୃସିଂହ ନାଥ ସିଂ, ଶିକ୍ଷାବିତ୍ ଅକ୍ଷୟ ନାରାୟଣ ମିଶ୍ର, ଭାଜପାନେତା ସୁବ୍ରତ ମହାନ୍ତି ଯୋଗଦେଇଥିଲେ।

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯୋଡ଼ା ନଗର ଭାଜପା ପକ୍ଷରୁ ଭାଜପା କାର୍ଯ୍ୟାଳୟରେ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଡ଼ା ଭାଜପା କାର୍ଯ୍ୟକର୍ତ୍ତା ସମୂହ ଏକତ୍ରିତ ହୋଇ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଯୋଡ଼ା ନଗର ମଣ୍ଡଳ ସଭାପତି ସୁଶାନ୍ତ ବେବର୍ତ୍ତାଙ୍କ ସଭାପତିତ୍ୱରେ ଯୋଡ଼ା ମଣ୍ଡଳ ଭାଜପା ଉପସଭାପତି ପାର୍ଥସାରଥୀ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଅନନ୍ତ ପ୍ରକାଶ ଟୁଡୁ, କୈଳାଶ ସାମଲ, ଜନାର୍ଦ୍ଦନ କାରୁଆ, କ୍ଷୀରୋଦ ପାତ୍ର, ଯୁବମୋର୍ଚ୍ଚାର ସନ୍ଦୀପ ପୋଦାର, ଅନିକେତ ବରୁଆଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ଜରୁରୀ ବୈଠକ

ଖଇରା, ୨୫।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଶନିବାର ପତିରାଜପୁର ମେଳନ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁକ୍ତିକାନ୍ତ ଶତପଥୀ ବିବରଣୀ ପାଠ କରିଥିଲେ। ଖଇରା ମେଡିକାଲରେ ବିଶ୍ରାମଗାର ପାଇଁ ସଦସ୍ୟ ବୁଦ୍ଧିରାମ ପାଣିଗ୍ରାହୀଙ୍କ ଆର୍ଥିକ ସହଯୋଗ ପରେ ଏହାକୁ ବରିଷ୍ଠ ନାଗରିକ ମଞ୍ଚ ନାମରେ ନାମିତ କରାଯାଇଥିବାରୁ ସ୍ୱାଗତ କରାଯାଇଥିଲା। ପରେ ସୋରକୁ ସବ୍ଡିଭିଜନ ମାନ୍ୟତା ସହ ଖଇରାକୁ ସ୍ୱତନ୍ତ୍ର ବିଧାନସଭା ନିର୍ବାଚନମଣ୍ଡଳୀ ମାନ୍ୟତା, ବାର୍ଦ୍ଧକ୍ୟ ଭତ୍ତା ରାଶି ୫ଶହରୁ ୪ହଜାର ୫ଶହକୁ ବୃଦ୍ଧି ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ନୂତନ ଭାବେ ୧୦ଜଣ ନୂତନ ସଦସ୍ୟତା ଗ୍ରହଣ କରିଥିଲେ। କୋଷାଧ୍ୟକ୍ଷ ଅନାମ ଚରଣ ପଣ୍ଡା, ଜଗତାନନ୍ଦ ମହାପାତ୍ର, ଅନ୍ତର୍ଯ୍ୟାମୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଦଳରେ ଭଦ୍ରକର ୨ ଖେଳାଳି

**ଜାତୀୟ ଜୁନିୟର ନେଟ୍‌ବଲ ପ୍ରତିଯୋଗିତା**

ଭଦ୍ରକ ଅଫିସ,୨୫।୧୨

କୋଲକାତାର ସାଇ କମ୍ପ୍ଲେକ୍ସରେ ଜାତୀୟ କନିଷ୍ଠ ନେଟ୍‌ବଲ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାଗ ନେବା ପାଇଁ ଓଡ଼ିଶାରୁ ଯାଇଥିବା ବାଳିକା ଦଳରେ ଭଦ୍ରକ ଜିଲାର ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଦୁଇ ଖେଳାଳି ହେଲେ ଭଦ୍ରକ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ଶୂନ୍ୟସକ୍ତା ବାରିକ ଏବଂ ଦୀପ୍ତିମୟୀ ଦାସ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ସାହୁ, ଶିକ୍ଷୟିତ୍ରୀ ପ୍ରଜ୍ଞା ବଳ, ପୂର୍ବତନ କ୍ରୀଡ଼ା ଶିକ୍ଷୟିତ୍ରୀ ଯାମିନୀ ପରିଡ଼ା, ଭଦ୍ରକ ଜିଲା ନେଟ୍‌ବଲ ଆସୋସିଏଶନ ସଭାପତି ତନ୍ମୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୋଲକ ନାୟକ ପ୍ରମୁଖ ଉଭୟଙ୍କ ସଫଳତା କାମନା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।


ଶୂନ୍ୟସକ୍ତା ବାରିକ ଏବଂ ଦୀପ୍ତିମୟୀ ଦାସ।

## ଭାଜପା ମହିଳାମୋର୍ଚ୍ଚା ସଭାନେତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, ୨୫।୧୨ (ସ୍ୱ.ପ୍ର.)



ଭଦ୍ରକ ଜିଲାର ନବନିଯୁକ୍ତ ଭାଜପା ମହିଳାମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନାଙ୍କୁ ଭଣ୍ଡାରିପୋଖରୀ ବ୍ଲକର ବିଷ୍ଣୁପୁର ପଞ୍ଚାୟତ ବଡରାମପୁରଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ରଞ୍ଜିତା ସ୍ୱାଇଁ, ସୁମିତ୍ରା ପାଣି, ସକୁନ୍ତଳା ସାମଲ, ସବିତା ନାୟକ, ସବିତା ବରାଳ ପ୍ରମୁଖ ଯୋଗ ଦେଇଥିଲେ। ମହିଳାମାନଙ୍କ ସମ୍ମାନ ଓ ଅର୍ଥନୈତିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ପୂରଣ କରିବାକୁ ଭାଜପା କର୍ମୀମାନେ ଯତ୍ନବାନ ହେବାକୁ ଜିଲା ସଭାନେତ୍ରୀ ଜେନା ଆହ୍ୱାନ ଦେଇଥିଲେ। ଭାଜପା ପକ୍ଷରୁ ଆୟୋଜିତ ଏହି ମହିଳା ସମାବେଶରେ ପଶ୍ଚିମବଙ୍ଗ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଅପର୍ଣ୍ଣା ନନ୍ଦୀ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ମହିଳା ଓ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାନସଭା କ୍ଷେତ୍ର ନେତା ବଦ୍ରିନାରାୟଣ ଧଳ, ତପନ ପାତ୍ର, ବିଦ୍ୟାଧର ସେଠୀ, ସୁରେଶ ସାମଲ, ଭ୍ରମର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆନନ୍ଦ ଉଲ୍ଲାସରେ ପାଳନ ହେଲା ବଡ଼ଦିନ

ବାଙ୍ଗିରିପୋଷି,୨୫।୧୨(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ୍ର ବିଭିନ୍ନ ସ୍ଥାନରେ ବଡ଼ଦିନ ବା ଖ୍ରୀଷ୍ଟମାସ ପର୍ବ ପାଳିତ ହୋଇଯାଇଛି। ଖ୍ରୀଷ୍ଟିଆନ ସମ୍ପ୍ରଦାୟର ପରିବାର ସଦସ୍ୟ ଦିନତମାମ ପ୍ରାର୍ଥନା ସଭାରେ ଯୋଗଦେଇ ପ୍ରଭୁ ଯୀଶୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିସହ ବାଙ୍ଗିରିପୋଷିରେ ଥିବା ନେଦାମ ଡ୍ୟାମ, ସଙ୍କରମରା, ବ୍ରାହ୍ମଣକୁଣ୍ଡ, ବୁଢ଼ାବଳଙ୍ଗ ନିକଟରେ ଥିବା ସୁନାମୁହିଁ, ଦ୍ୱାରଶୁଣି ଘାଟି ଆଦି ସ୍ଥାନଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ପର୍ଯ୍ୟଟକ ବଣ ଭୋଜି କରିବା ସହ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ବୁଲିଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ପୂର୍ବତନ ସରପଞ୍ଚଙ୍କୁ ଗିରଫ କରିବାରେ ପୋଲିସ ବିଫଳ

**ହରିଶ୍ଚନ୍ଦ୍ର ଅନୁଦାନ ଆତ୍ମସାତ ଘଟଣା**

■ଜାମିନରେ ଆସିଛନ୍ତି ୨ ଅଭିଯୁକ୍ତ

ହାଟଡିହୀ,୨୫।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଲିବରେଇ ପଞ୍ଚାୟତରେ ହରିଶ୍ଚନ୍ଦ୍ର ଅନୁଦାନ ଆତ୍ମସାତ ଘଟଣାର ଜଣେ ଅଭିଯୁକ୍ତ ପୂର୍ବତନ ସରପଞ୍ଚଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ଦୁର୍ନୀତିରେ ପୂର୍ବତନ ସରପଞ୍ଚ ପ୍ରତିଭା ନାୟକ, ପିଇଓ ନରହରି ନାୟକ, ଜିଆରଏସ ପୁର୍ଣ୍ଣେନ୍ଦୁ ଥାଟୋଇ ଲିପ୍ତଥିବା ତଦନ୍ତରେ ଜଣାପଡ଼ିଥିଲା। ପୂର୍ବତନ ସରପଞ୍ଚ ପ୍ରତିଭାଙ୍କ ବ୍ୟତୀତ ଅନ୍ୟମାନେ ଗିରଫ ହୋଇ ଜାମିନରେ ଆସି ସାରିଛନ୍ତି।

ସୂଚନାଯୋଗ୍ୟ, ଆନନ୍ଦପୁର ଉପଜିଲାପାଳଙ୍କ ତଦନ୍ତ ରିପୋର୍ଟ ଆଧାରରେ ଜିଲା ପ୍ରଶାସନ ଅଭିଯୁକ୍ତଙ୍କ ନାମରେ ମାମଲା କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏନେଇ ହାଟଡ଼ିହୀ ବିଡିଓ ବିନିତା ବିଜୟିନୀ ଗତ ଅକ୍ଟୋବର ୩୧ରେ ସୋସୋ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ସୋସୋ ପୋଲିସ ନଂ. ୧୭୮/୨୦୨୨ ଏବଂ ୪୬୭, ୪୬୮, ୪୭୧, ୪୦୯, ୪୨୦ ଧାରାରେ ଏକ ମାମଲା ରୁଜୁ ହୋଇଥିଲା। ଗତ ଅକ୍ଟୋବର ୩୧ରେ ମାମଲା ରୁଜୁ କରିଥିଲା। ଘଟଣାକୁ ଦେଢ଼ ମାସ ବିତି ସାରିଛି । କିନ୍ତୁ ପୂର୍ବତନ ମହିଳା ସରପଞ୍ଚଙ୍କୁ ପୋଲିସ ଗିରଫ କରିବାରେ ବଡ଼ ବିଫଳ ହୋଇଛି। ଥାନା ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି, ପୂର୍ବତନ ମହିଳା ସରପଞ୍ଚଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଛଡ଼ାଉ ହୋଇଛି। କିନ୍ତୁ ତାଙ୍କର ସନ୍ଧାନ ମିଳିନାହିଁ। ଅପରପକ୍ଷେ ପୂର୍ବତନ ମହିଳା ସରପଞ୍ଚ ଗିରଫଦାରୀରୁ ବର୍ତ୍ତିବା ପାଇଁ ଗତ ଅକ୍ଟୋବର ୯ରୁ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। କିନ୍ତୁ ତାଙ୍କୁ ଅଦ୍ୟାବଧି ଜାମିନ ମିଳି ପାରିନି। ମୁଖ୍ୟ ପ୍ରସଙ୍ଗ ହେଉଛି, ରାଜ୍ୟ ସରକାରଙ୍କ ଜିଏ ଆଣ୍ଡ ପିଜି ଡିପାର୍ଟମେଣ୍ଟ ଚିଠି ନଂ. ୨୨୬୭୭/୨୬ ଅଗଷ୍ଟ ୨୦୨୧ରେ ହରିଶ୍ଚନ୍ଦ୍ର ଅନୁଦାନ ପ୍ରଦାନ କ୍ଷେତ୍ରରେ ବିଡିଓଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ କ୍ଷେତ୍ରରେ ବିଡିଓଙ୍କୁ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେବା ଏବଂ ବିଡିଓଙ୍କୁ ମାମଲା ପରିସର ଭୁକ୍ତ କରା ନ ଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଆନନ୍ଦପୁର ଉପଜିଲାପାଳ ମଧ୍ୟ ତଦନ୍ତ ରିପୋର୍ଟରେ ବିଡିଓଙ୍କ ଭୂମିକା ବିଷୟରେ ଉଲ୍ଲେଖ ନ କରିବା ଆଶ୍ଚର୍ଯ୍ୟକର ଘଟଣା।

